

## ଲୁଟେରା-ପୁଲିସକୁ ନେଇ ଚର୍ଚ୍ଚା

# ସମନ୍ୱୟ ଅଭାବ ନା ସଲାସୁତରା?

ଭୁବନେଶ୍ୱର, ୧୭।୧ (ସମିସ): କମିସନରେଟ ପୁଲିସକୁ ରାଜ୍ୟର ସବୁଠାରୁ ଦକ୍ଷ ପୁଲିସ ବ୍ୟବସ୍ଥା କୁହାଯାଏ। ଚୋରି, ଲୁଟ୍ ଓ ଡକାୟତି ଭଳି ଘଟଣାରେ ଅଭିଯୁକ୍ତକୁ ଗିରଫ କରି ସମ୍ପତ୍ତି ଜବତ କରିବା ଠାରୁ ଆରମ୍ଭ କରି ନାଗରିକ ସୁରକ୍ଷାକୁ କମିସନରେଟ ପୁଲିସ ଗୁରୁତ୍ୱ ଦେଉଛି ବୋଲି ଏଠାକାର ମୁଖିଆ ସବୁବେଳେ କହି ଆସୁଛନ୍ତି। ମାମଲା ଗୁଡ଼ିକର ତଦନ୍ତ ଶୀଘ୍ର ସାରି ଅଭିଯୋଗକାରୀଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବାକୁ ଡିସିପି ମଧ୍ୟ ଅଗ୍ରାଧିକାର ଦେଉଛନ୍ତି। ହେଲେ ଏହାରି ଭିତରେ ପୁଲିସର ଅପାରଗତା ପଦାରେ ପଡ଼ିଥିବା ବେଳେ କିଛି ଅଧିକାରୀଙ୍କ ପାଇଁ କମିସନରେଟ ପୁଲିସର ଛବିକୁ ମଳିନ କରିଛି। ପୁଲିସ ରିମାଣ୍ଡ ନ ଲଗାଇବାରୁ ମାତ୍ର ୭ ଦିନ ମଧ୍ୟରେ ଜାମିନ୍ ପାଇଯାଇଛି ସୁନା ଚେନ୍ ଲୁଟେରା। ଯଦିଓ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରାଯାଇଛି, କିନ୍ତୁ ଏହା ତଦନ୍ତକାରୀ ଅଧିକାରୀଙ୍କ ଚରମ ଅବହେଳାକୁ ଏକପ୍ରକାର ସ୍ପଷ୍ଟ କରିଛି। ଏପରି ଘଟଣା ଦ୍ୱାରା କମିସନରେଟ ପୁଲିସର ଥାନା ଓ ଅଧିକାରୀମାନଙ୍କ ମଧ୍ୟରେ ସମନ୍ୱୟକୁ ନେଇ ପ୍ରଶ୍ନ ଉଠିଛି।

### ଅଭିଯୁକ୍ତକୁ ଜାମିନ ପରେ ଅଧିକାରୀଙ୍କ ଚେତା ପଶିଲା



ପୂରା ଘଟଣା ଥିଲା ଏମିତି, ଗତ ୫ ତାରିଖ ଭୋରରୁ କଳିଙ୍ଗନଗର କେ-୪ର ଲିଲି ପ୍ରତାପ ସିଂହ ପ୍ରାତଃ ଭ୍ରମଣ କରୁଥିବାବେଳେ ଆକାଶ ନାଏକ, କମଳାକାନ୍ତ ଦାସ ଓ ଜଣେ ନାବାଳକ ତାଙ୍କ ଠାରୁ ସୁନା ଚେନ୍ ଛଡ଼ାଇ ନେଇଥିଲେ। ୬ ତାରିଖ ଦିନ ଲିଲିଙ୍କ ସ୍ୱାମୀ ଉମାକାନ୍ତ ଜୟସିଂହଙ୍କ ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୁଲିସ ମାମଲା ରୁଜୁ କରିଥିଲା। ସେହିପରି ୮ ତାରିଖ ଦିନ ଭୋରରୁ କଳିଙ୍ଗନଗର କେ-୧ର ବିଦ୍ୟୁତ୍ କୁମାରୀ ମହାପାତ୍ର ମର୍ଣ୍ଣିଂ ୱାର୍କ କରୁଥିବା ବେଳେ ଆକାଶ ଓ କମଳାକାନ୍ତ ତାଙ୍କ ସୁନା ଚେନ୍ ଛଡ଼ାଇ ନେଇଥିଲେ। ସେ ସେହିଦିନ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଜାନୁଆରୀ ୧୦ ତାରିଖ ଦିନ ତମାଣ୍ଡୋ ଥାନା ପୁଲିସ ସୁନା ଚେନ୍ ଲୁଟେରା ଆକାଶ, କମଳାକାନ୍ତ ଓ ନାବାଳକକୁ ଗିରଫ କରିବା ସହ ମଙ୍ଗଳସୂତ୍ର, ସୁନା ଚେନ୍, ୩ଟି କେଏଟିଏମ୍ ବାଇକ୍ ଓ ଦୁଇଟି ମୋବାଇଲ ଫୋନ୍ ଜବତ କରିଥିଲା। ନାବାଳକକୁ ଜେଜେବିରେ ହାଜର କରାଯାଇଥିବା ବେଳେ ଆକାଶ ଓ କମଳାକାନ୍ତକୁ କୋର୍ଟ ଚାଲାଣ ପରେ ଜେଲକୁ ପଠାଇ ଦିଆଯାଇଥିଲା।

ତେବେ ପଚରାଉଚରା ସମୟରେ ଅଭିଯୁକ୍ତମାନେ କଳିଙ୍ଗନଗର କେ-୧ ଅଞ୍ଚଳରେ ମଧ୍ୟ ସୁନା ଚେନ ଲୁଟ୍ କରିଥିବା ତମାଣ୍ଡୋ ଥାନା ପୁଲିସ ଆଗରେ ସ୍ୱୀକାର କରିଥିଲେ। ସମ୍ପୃକ୍ତ ଘଟଣାଟି ଭରତପୁର ଥାନା ଅଞ୍ଚଳର ହୋଇଥିବାରୁ ତମାଣ୍ଡୋ ପୁଲିସ ଏନେଇ ତାଙ୍କୁ ଅବଗତ କରାଇଥିଲା। ହେଲେ ତଦନ୍ତକାରୀ ଅଧିକାରୀ ଦୁଇ ଅଭିଯୁକ୍ତଙ୍କୁ ରିମାଣ୍ଡରେ ନେବାକୁ ଆବେଦନ କରି ନ ଥିଲେ। ଫଳରେ ଏହାରି ଭିତରେ ଅଭିଯୁକ୍ତ ଆକାଶ ଅଦାଲତରୁ ଜାମିନ୍ ପାଇ ଯାଇଥିଲା। ଅଭିଯୁକ୍ତ ଜାମିନରେ ଆସିବା ପରେ ଯାଇ ଅଧିକାରୀଙ୍କ ଚେତା ପଶିଥିଲା। ଶନିବାର ଭରତପୁର ଥାନା ପୁଲିସ ଆକାଶକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଏପରି ଘଟଣା ସାମ୍ନାକୁ ଆସିବା ପରେ ପୁଲିସ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ କାଠଗଡ଼ାରେ ଛିଡ଼ା କରାଇଛି। ଏହା ଅଭିଯୁକ୍ତ ସହ ସଲାସୁତୁରା ନା ଅପାରଗତା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଜନ୍ମମାଟିକୁ କେବେ ଭୁଲି ହେବନି



ସେଠି ସକାଳ ହୁଏ ଅଜଣା ପକ୍ଷୀଙ୍କର ସମ୍ମିଳିତ କାକଳିରେ ଏବଂ ସନ୍ଧ୍ୟା ଆସେ ମାଦଳ ଓ ଘଣ୍ଟର ମଧୁର ତାନରେ। ଗାଁ ମୋର ସବୁଜ ଗଛଲତାର ମେଳରେ ବେଶ ସୁନ୍ଦର ଦେଖାଯାଏ। ଢିଙ୍କି କୁଟା ଚାଉଳର ବାସ୍ନାରେ ଦାଣ୍ଡ ମହକୁଥାଏ। ସେଇ ମାଟିରେ ବିତିଛି ପିଲାଦିନ। ଚିହ୍ନା ଅଚିହ୍ନା କେତେ ସ୍ନେହଭରା ସମ୍ପର୍କଙ୍କ ଭିତରେ ସେଠି କଟିଛି ମୋ ଜୀବନର ଶ୍ରେଷ୍ଠ ସମୟ।

ନିଜ ଶବ୍ଦର ଗହଣାରେ ଗାଁକୁ ଏପରି ସଜେଇଥିବା ମଣିଷ ହେଉଛନ୍ତି ବିଷ୍ଣୁ ପ୍ରସାଦ ରାଉତ। ଭଦ୍ରକ ଜିଲ୍ଲାର ବାଲିପାଟଣା ଗ୍ରାମରେ ତାଙ୍କ ଘର। ଦୀର୍ଘ ୧୬ ବର୍ଷ ହେବ ରାଜଧାନୀର ରହୁଛନ୍ତି। ଚିନ୍ତାମଣିଶ୍ୱର ଅଞ୍ଚଳ ଏବ ତାଙ୍କ ଠିକଣା। ତାଙ୍କ ମତରେ ସେ ସମୟରେ ଗାଁ ବହୁତ ସୁନ୍ଦର ଥିଲା। ବର୍ତ୍ତମାନ ଯେପରି ସହରୀକରଣ

**ଆମେ ଗାଁରୁ ଆସିଛୁ**

ଗାଁର ସଜ୍ଞା ବଦଳାଇ ଦେଉଛି। ହେଲେ ଜନ୍ମମାଟି କେବେ ଭୁଲି ହବନି। କାରଣ ସବୁ ପରଚୟର ଠିକଣା ହେଉଛି ସେହି ସ୍ଥାନ। ଗାଁ ଦାଣ୍ଡର ଭାଗବତ ଟୁଙ୍ଗିରୁ ଭାସିଆସେ ରାମାୟଣ ଓ ଭାଗବତର ସ୍ୱର। ଜୀବିକା ଗଢିବା ପାଇଁ ସମସ୍ତେ ଦିନରାତି ପରିଶ୍ରମ କରୁଥିଲେ। ହେଲେ ସହରରେ ଚାରିଆଡେ ପ୍ରଦୂଷଣ, ଗାଡି ମୋଟରର କର୍କଶ ସ୍ୱର ଏବଂ ବିନା ସବୁଜିମାରେ ସହର ମନକୁ ବିଚଳିତ କରିପକାଏ। କର୍ମମୟ ଜୀବନ ସିନା ସମସ୍ତଙ୍କୁ ଏ ସହରକୁ ଟାଣି ଆଣିଛି। ହେଲେ ଅବସରର ସେ ସମୟରେ ଲୋକ ପୁଣି ଗାଁ ମୁହାଁ ହେଉଛନ୍ତି। କାରଣ ସେଠାରେ ହିଁ ଶାନ୍ତି ଅଛି। ଏହାଛଡା ସେଠି ସବୁ ପର୍ବପର୍ବାଣୀ, ପିଠାପଣା ଧୂମ୍‌ଧାମରେ ପାଳନ କରାଯାଏ। ସହରର ପିଲା ଆଉଟଡୋର ଖେଳ ବିଷୟରେ ସେତେ ମନ ବଳାଉ ନାହାନ୍ତି। ସାମାଜିକ ଗଣମାଧ୍ୟମକୁ ଏକ ପ୍ରକାରର ଅଭ୍ୟାସରେ ପରିଣତ କଲେଣି। ସେ ସମୟରେ ଚାଲି ଚାଲି ଆମେ ସ୍କୁଲକୁ ଯାଉଥିଲୁ। ସାଙ୍ଗସାଥୀ ମେଳରେ କେତେ ଗପ ଆସର ଜମେ। ଏଠି ପିଲାଙ୍କୁ ଗାଡି ନେଇ ସ୍କୁଲରେ ଛାଡୁଛି। ଖରାଛୁଟିକୁ ସଭିଏଁ ଅପେକ୍ଷା କରି ବସନ୍ତି। କେତେବେଳେ ସ୍କୁଲରୁ ଫେରି ମାମୁ ଘରକୁ ବୁଲି ଯିବେ। ବର୍ତ୍ତମାନ ସମୟରେ ପିଲାଙ୍କୁ ଛୁଟି ବିତେବା ପାଇଁ ବାହାର ରାଜ୍ୟ ଏବଂ ହିଲ ଷ୍ଟେସନକୁ ନେଇ ଯାଉଛନ୍ତି। ସେହିଭଳି ଗାଁରେ ଭୋଜି ଭାତ ହେଲେ ତଳେ ବସି କଦଳୀ ପତ୍ରରେ ଖାଇବାକେ କେତେ ସୁଖ। ହେଲେ ଏଠି କଦଳୀ ଗଛ ବି କ୍ୱଚିତ୍ ଦେଖିବାକୁ ମିଳୁଛି। ସହରରେ ଭାଇଚାରା ନାହିଁ ତା ସହ ଏଠି ସମସ୍ତଙ୍କ ପାଖେ ସମୟର ଘୋର ଅଭାବ।

## ଦୋକାନ ଭିତରକୁ ପଶିଗଲା କାର୍

ଭୁବନେଶ୍ୱର, ୧୭।୧(ସମିସ): ଭୁବନେଶ୍ୱର ଉପକଣ୍ଠସ୍ଥିତ ବାଳକାଟି ବଜାର ଅଟୋଷ୍ଟାଣ୍ଡ ନିକଟରେ ଶନିବାର ସନ୍ଧ୍ୟାରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ମଦ୍ୟପ ଚାଳକଙ୍କ ବେପରୁଆ ଗାଡ଼ି ଚାଳନା ପାଇଁ ଏକ କାର୍ ଦୋକାନ ଭିତରକୁ ପଶି ଯାଇଥିଲା। ଏଥିରେ କେହି ଆହତ ହୋଇ ନ ଥିଲେ ମଧ୍ୟ ୫ଟି ବ୍ୟାପକ କ୍ଷୟକ୍ଷତି ହୋଇଛି। ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ ଶନିବାର ବାଳକାଟି ହାଟ ପାଳି ପାଇଁ ଭିଡ଼ ଲାଗିଥିଲା। ଏହି ସମୟରେ ସରଦେଇପୁର ନିମାମଡ଼ା ରାସ୍ତାରେ ଯାଉଥିବା ଏକ କାର୍ ଭାରସାମ୍ୟ ହରାଇ ରାସ୍ତାର ଦକ୍ଷିଣ ପାର୍ଶ୍ୱକୁ ମାଡ଼ି ଯାଇଥିଲା। ଫଳରେ କାର୍‌ଟି ୫ଟି ବାଇକ୍ ଉପରେ ଚଢ଼ି ଦୋକାନ ଭିତରକୁ ପଶି ଯାଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳର ଲୋକେ କାର୍ ଚାଳକଙ୍କୁ ଅଟକାଇଥିଲେ ଏବଂ କିଛି ଉତ୍ତ୍ୟକ୍ତ ଲୋକେ କାର୍‌ଟିକୁ ଭଙ୍ଗାରୁଜା କରିଥିଲେ। ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଦୀର୍ଘ ସମୟ ଧରି ଉତ୍ତେଜନା ଲାଗି ରହିଥିଲା। ପୁଲିସ ପହଞ୍ଚି ମଦ୍ୟପ ଡ୍ରାଇଭର୍‌କୁ ଅଟକ ରଖିଛି।

## କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରଙ୍କୁ ଆକ୍ରମଣ ଘଟଣା

# କଳା ବ୍ୟାଜ୍ ପିନ୍ଧି ପିଜି ଡାକ୍ତରଙ୍କ ପ୍ରତିବାଦ

ଭୁବନେଶ୍ୱର, ୧୭।୧(ସମିସ): କ୍ୟାପିଟାଲ ହସ୍ପିଟାଲରେ ଡାକ୍ତରଙ୍କୁ ମାଡ଼ ଘଟଣାରେ ଶନିବାରଠାରୁ ପିଜିଆଇଏମ୍‌ଇଆର୍ ପିଜି ଡାକ୍ତରମାନେ କଳା ବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଛନ୍ତି। ସେମାନେ ଜରୁରିକାଳୀନ ସେବା ସହିତ ଓପିଡି ସେବା ଜାରି ରଖିଛନ୍ତି। ହେଲେ ସରକାର ଡାକ୍ତରଙ୍କ ସୁରକ୍ଷା ନେଇ ପଦକ୍ଷେପ ଗ୍ରହଣ ନକରନ୍ତି, ତାହେଲେ ଆଗକୁ ଆନ୍ଦୋଳନ ଭଳି ନିଷ୍ପତ୍ତି ନିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ହସ୍ପିଟାଲ କର୍ମଚାରୀଙ୍କ ସୁରକ୍ଷା ପାଇଁ ଅବସରପ୍ରାପ୍ତ କର୍ମଚାରୀ ନିୟୋଜିତ ହେବେ ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ମିଳିଛି।



ଶନିବାର ଜୁନିଅର ଡାକ୍ତର ଆସୋସିଏସନ୍ ଛାତ୍ରଛାତ୍ରୀ ଭୁବନେଶ୍ୱର ଡିସିପି ଜଗମୋହନ ମିନାଙ୍କୁ ଭେଟିଛନ୍ତି। ଆସୋସିଏସନ୍ ପକ୍ଷରୁ ୫ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଓପିଡିରେ ଆର୍ମ ଫୋର୍ସଙ୍କୁ ମୁତୟନ କରଯାଉ, ଡାକ୍ତରଙ୍କଠାରୁ ନର୍ସ ଓ ସ୍ୱାସ୍ଥ୍ୟକର୍ମଚାରୀଙ୍କୁ ସୁରକ୍ଷିତ ବାତାବରଣରେ ଯୋଗାଇ ଦେବା, ହସ୍ପିଟାଲକୁ ଆମ୍ବୁଲାନ୍ସ ଓ ଯାନବାହାନ ସୁବିଧାରେ ଯିବା ଆସିବା କରିବା ଆଦି ପାଇଁ ଦାବି କରିଛନ୍ତି।

ଏହି ଘଟଣା ନେଇ ସ୍ୱାସ୍ଥ୍ୟ ସଚିବ ଏସ ଅସ୍ୱାଥି, କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିବା ସହିତ ସୁପରିନ୍‌ଟେଣ୍ଡେଣ୍ଟ ଓ ପିଜିଆଇଏମ୍‌ଇଆର୍‌ର ବିଭାଗୀୟ ଓ ଜୁନିଅର ଡାକ୍ତର ସଂଘ ସହିତ ଆଲୋଚନା କରିଛନ୍ତି। ସେ କହିଛନ୍ତି, ଡାକ୍ତରଙ୍କ ସୁରକ୍ଷା ପାଇଁ ଆମେ ଯତ୍ନବାନ ଅଛୁ। ଡାକ୍ତରମାନେ ଭଲ କାମ କରୁଛନ୍ତି, ତାଙ୍କୁ ସୁରକ୍ଷା ଦେବା ଆମ କର୍ତ୍ତବ୍ୟ। ଏସମ୍ପର୍କରେ ପୋଲିସ ପ୍ରଶାସନ ସହ ମଧ୍ୟ ସେ କଥା ହୋଇଥିବା କହିଛନ୍ତି।

## ଯନ୍ତ୍ରପାତି ଯୋଗାଣ ଆଳରେ ୧୨ ଲକ୍ଷ ଠକେଇ

ଭୁବନେଶ୍ୱର, ୧୭।୧ (ସମିସ): ଯନ୍ତ୍ରପାତି ଯୋଗାଣ ଆଳରେ ୧୨ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ କମ୍ପାନୀର ବରିଷ୍ଠ ପରାମର୍ଶଦାତାଙ୍କୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ମହିଳା ହେଉଛନ୍ତି ମଞ୍ଚେଶ୍ୱର ଆଦିମାତା କଲୋନୀରେ ରହୁଥିବା ଖୋର୍ଦ୍ଧା ପୋଡ଼ାଡ଼ିହର ଶୁଭଶ୍ରୀ ପଣ୍ଡା (୩୫)।

ପୁଲିସ ସୂଚନାନୁଯାୟୀ, ଗତ ଡିସେମ୍ବର ୧ ତାରିଖ ଦିନ ବିଜେବି ନଗର ଅଞ୍ଚଳରେ ଲାଲା ଗ୍ଲୋବାଲ୍ ଏଣ୍ଟରପ୍ରାଇଜେସ୍ ଏକ ନୂତନ ଷ୍ଟାର୍ଟଅପ୍ ଆରମ୍ଭ କରିଥିଲା। କମ୍ପାନୀରେ ବରିଷ୍ଠ ପରାମର୍ଶଦାତା ଶୁଭଶ୍ରୀ ମେସିନ୍ ଓ ଯନ୍ତ୍ରପାତି ଉତ୍ପାଦ ଯୋଗାଣ କରିବା ଆଳରେ ବିଭିନ୍ନ ଲୋକଙ୍କ ଠାରୁ ଟଙ୍କା ଆଦାୟ କରିଥିଲେ। ବିଭୀଷଣ ମାଝୀଙ୍କଠାରୁ ୯୭ ହଜାର, ରାଧା ବେହେରାଙ୍କ ଠାରୁ ୩୫ ହଜାର, ଝରଣା ବାଗସିଂଙ୍କଠାରୁ ୮୦ ହଜା ଅମରେଶ୍ୱର ମହାନ୍ତିଙ୍କ ଠାରୁ ଏକଲକ୍ଷ ୮ ହଜାର ଟଙ୍କା ନେଇଥିଲଜ। ଶୁଭଶ୍ରୀ ମୋଟ ୩୬ ଜଣ ଗ୍ରାହକଙ୍କଠାରୁ ୧୧ ଲକ୍ଷ ୭୫ ହଜାର ୨୦୦ ଟଙ୍କା ଆଦାୟ କରିଥିଲେ ମଧ୍ୟ ଯନ୍ତ୍ରପାତି ଯୋଗାଇନଥିଲେ। ଉକ୍ତ ଟଙ୍କାକୁ ନିଜ ବ୍ୟାଙ୍କ ଆକାଉଣ୍ଟ ଓ ତାଙ୍କ ଝିଅଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିଥିଲେ। ସେଥିମଧ୍ୟରୁ ୪ ଲକ୍ଷ ୧୨ ହଜାର ୭୦୦ ଟଙ୍କା ଉକ୍ତ ରାଶି ମଧ୍ୟରୁ ସେ ଅନଲାଇନ୍ କମ୍ପାନୀକୁ ଦେଇଥିବା ବେଳେ ଅବଶିଷ୍ଟ ଟଙ୍କା ଫେରସ୍ତ

### ବନ୍ଧା ହେଲେ କମ୍ପାନୀର ବରିଷ୍ଠ ପରାମର୍ଶଦାତା

କରିନଥିଲେ। ଗତମାସ ୩୧ ତାରିଖ ଦିନ ଶୁଭଶ୍ରୀ ଅଫିସ୍ ଛାଡ଼ି ଚାଲି ଯାଇଥିଲେ। ଏହା ପରେ ଗ୍ରାହକମାନେ କଞ୍ଚାମାଲ ଓ ମେସିନ୍ ବିତରଣ ସମ୍ପର୍କରେ କାର୍ଯ୍ୟାଳୟକୁ ଆସି ପଚରାଉଚରା କରିଥିଲେ। ଶୁଭଶ୍ରୀ ଟଙ୍କା ଫେରାଇବାର ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଅନ୍ୟ ଗ୍ରାହକଙ୍କଠାରୁ ଅଧିକ ଟଙ୍କା ଆଦାୟ କରିଥିଲେ। କମ୍ପାନୀ କର୍ତ୍ତୃପକ୍ଷ ଏନେଇ ବଡ଼ଗଡ଼ ଥାନାରେ ଏତଲା ଦେବାପରେ ପୁଲିସ ଶୁଭଶ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଏସି ଚୋରି ଗ୍ୟାଙ୍ଗ୍ ଠାବ, କବାଡ଼ିବାଲାଙ୍କ ସହ ୪ ଗିରଫ



ଭୁବନେଶ୍ୱର, ୧୭।୧(ସମିସ): ଏକ ଏସି ଚୋରି ଗ୍ୟାଙ୍ଗକୁ ଠାବ କରିଛି ଖଣ୍ଡଗିରି ଥାନା ପୁଲିସ। ଏହି ଗ୍ୟାଙ୍ଗର ୩ ସଦସ୍ୟଙ୍କ ସମେତ ଚୋରି ସାମଗ୍ରୀ କିଣିଥିବା ଜଣେ କବାଡ଼ିବାଲାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମୋତିବୁଲ ଖାନ, ସେଖ ସମିରୁଦ୍ଦିନ ଗେନ, ସେଖ ରିଆଜ ଓ କବାଡିୱାଲା ଶେଖ ସରିଫୁରଙ୍କୁ ଗିରଫ କରିଛି। ସେମାନଙ୍କ ଠାରୁ ଚୋରା ୮ ଏସି କମ୍ପ୍ରେସର ଜବତ ହୋଇଛି।

ପୁଲିସ ସୂଚନା ମୁତାବକ, କିଛି ଦୁର୍ବୃତ୍ତ ଅଭିଯୋଗକାରୀଙ୍କ ସରକାରୀ କ୍ୱାର୍ଟର୍ସରୁ ଏସି କମ୍ପ୍ରେସର ଚୋରି କରି ନେଇଯାଇଥିଲେ। ଏନେଇ ଜାଣିବା ପରେ ଅଭିଯୋଗକାରୀ ଖଣ୍ଡଗିରି ଥାନାରେ ଲିଖିତ ରିପୋର୍ଟ ଦାଖଲ କରିଥିଲେ। ଏହି ମାମଲାର ତଦନ୍ତ ଚାଲୁରହିଥିବା ବେଳେ ସକାଳ ସମୟରେ ସିରିପୁର ସୌଭାଗ୍ୟନଗର ରୋଡ୍ ନିକଟରେ ତିନିଜଣ ସନ୍ଦିଗ୍ଧ ବ୍ୟକ୍ତି ପୁରୁଣା ଏସି କମ୍ପ୍ରେସର ଲୋଡ୍ ହୋଇଥିବା ଗୋଟିଏ ଟ୍ରଲି ରିକ୍ସା ସହିତ ଠିଆ ହୋଇ ତାହାକୁ ବିକ୍ରୟ କରିବାକୁ ଚେଷ୍ଟା କରୁଥିବା। ପୁଲିସ ଘଟଣାସ୍ଥଳକୁ ଯାଇ ୩ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତଦନ୍ତ ବେଳେ ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ଟିଭିଏସ ଏକ୍ସଏଲ-୧୦୦ ହେଭି ଡ୍ୟୁଟି ମୋଟରସାଇକେଲ ଏବଂ ଦୁଇଟି ଭୋଲ୍ଟାସ୍ ଏସି କମ୍ପ୍ରେସର ଜବତ କରାଯାଇଥିଲା। ଅଧିକ ପଚରାଉଚରା ପରେ ଅଭିଯୁକ୍ତମାନେ ପ୍ରକାଶ କରିଥିଲେ ଯେ ସେମାନେ ଚୋରି ଏସି କମ୍ପ୍ରେସର ସାମଗ୍ରୀ ମସଜିଦ୍ କଲୋନି ୟୁନିଟ୍-୩ର ଶେଖ ସରିଫୁରଙ୍କୁ ବିକ୍ରି କରିଥିଲେ। ଏହି ଅନୁଯାୟୀ ଶେଖ ସରିଫୁରଙ୍କୁ ଗିରଫ କରାଯାଇଥିଲା। ସେ ଜାଣିଶୁଣି ଚୋରି ଏସି କମ୍ପ୍ରେସର ପାଇଥିବା ସ୍ୱୀକାର କରିଥିଲେ। ତାଙ୍କ ନିକଟରୁ ଚାରୋଟି ସାମସଙ୍ଗ ଏସି କମ୍ପ୍ରେସର ଏବଂ ଦୁଇଟି ଏଲଜି ଏସି କମ୍ପ୍ରେସର ଜବତ ହୋଇଛି।

## ହିଂସା ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

ଭୁବନେଶ୍ୱର, ୧୭।୧(ସମିସ): ଓଡ଼ିଶାରେ ହତ୍ୟା ଓ ହିଂସା ଦିନକୁ ଦିନ ଭୟାବହ ରୂପ ନେଉଥିବା ବେଳେ ସରକାରଙ୍କ ନିଷ୍କ୍ରିୟତା ବିରୋଧରେ ଶନିବାର ମାନବତା ବଞ୍ଚାଅ ଅଭିଯାନ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବିକ୍ଷୋଭକାରୀମାନେ ଅଭିଯୋଗ କରିଛନ୍ତି ଯେ, ରାଜ୍ୟରେ ସରକାର ବଦଳିବା ପରେ ଦଳିତ, ଆଦିବାସୀ, ସଂଖ୍ୟାଲଘୁ ଓ ପଛୁଆ ବର୍ଗଙ୍କ ସୁରକ୍ଷା ଗଭୀର ଭାବେ ବିପନ୍ନ ହୋଇଛି। ଗୋ-ରକ୍ଷା ଓ ଧର୍ମ ନାମରେ ହିଂସା ବଢ଼ି ଚାଲିଥିବା ବେଳେ ଆଇନର ଭୟ ଅପରାଧୀଙ୍କ ମନରୁ ହଟିଯାଇଛି। ଗତ ୧୪ ତାରିଖରେ ବାଲେଶ୍ୱର ଜିଲ୍ଲାର ସାହାଡ଼ା ଗ୍ରାମ ନିକଟରେ ଶେଖ୍ ମକନ୍ଦର ମହମ୍ମଦଙ୍କୁ ନିର୍ମମ ଭାବେ ପିଟି ପିଟି ହତ୍ୟା କରାଯାଇଥିବା ଘଟଣା ସମେତ ମୟୂରଭଞ୍ଜ, ପୁରୀ ଓ ମାଲକାନଗିରିରେ ଘଟିଥିବା ଭିଡ଼ ହିଂସା ଘଟଣାଗୁଡ଼ିକ ରାଜ୍ୟରେ ଜଙ୍ଗଲ ରାଜ୍ ଚାଲିଥିବା ପ୍ରମାଣ ଦେଉଛି ବୋଲି ବିକ୍ଷୋଭକାରୀମାନେ କହିଛନ୍ତି। ବିକ୍ଷୋଭ ସଭାରେ ଭିଡ଼ ହତ୍ୟା ଓ ଭିଡ଼ ହିଂସା ପ୍ରତିରୋଧ ପାଇଁ ରାଜ୍ୟରେ ସ୍ୱତନ୍ତ୍ର କଠୋର ଆଇନ ପ୍ରଣୟନ, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର କଡା ପାଳନ, ପୀଡ଼ିତ ପରିବାରକୁ କ୍ଷତିପୂରଣ ଓ ଦୋଷୀଙ୍କ ସମ୍ପତି ବାଜ୍ୟାପ୍ତି ଦାବି କରାଯାଇଛି। ଦାବି ପୂରଣ ନହେଲେ ସାରା ରାଜ୍ୟରେ ବୃହତ୍ତର ଜନଆନ୍ଦୋଳନ ହେବ ବୋଲି ସଚେତନ କରାଯାଇଛି।

## ଗ୍ରାହକ ବେଶରେ ସର୍ଭିସ ସେଣ୍ଟରରୁ ବାଇକ୍ ଚୋରି

ଭୁବନେଶ୍ୱର, ୧୭।୧(ସମିସ): ଗ୍ରାହକ ବେଶରେ ଆସି ସର୍ଭିସ ସେଣ୍ଟରରୁ ବାଇକ୍ ଚୋରି ଅଭିଯୋଗରେ ମୈତ୍ରୀ ବିହାର ଥାନା ପୁଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ମନୋଜ ଗୋଛାୟତ ଓରଫ ଡମ୍ବୁରୁଧର। ଡମ୍ବୁରଧରଙ୍କ ଠାରୁ ଦୁଇଟି ଚୋରା ମୋଟର ସାଇକଲ୍ ଜବତ କରାଯାଇଛି।

ଗାଡି ସର୍ଭିସିଂ ପାଇଁ ସର୍ଭିସ୍ ସେଣ୍ଟରକୁ ଆଣାଯାଇଥିଲା। ଏକ ୟାମାହା ମୋଟରସାଇକେଲ୍‌କୁ ଜଣେ ଅଜଣା ବ୍ୟକ୍ତି ଗ୍ରାହକ ଭାବରେ ପରିଚୟ ଦେଇ ସେଣ୍ଟର ପରିସରରେ ପ୍ରବେଶ କରି ଚୋରି କରିନେଇଥିଲେ। ତଦନ୍ତ ସମୟରେ ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ଜଣାପଡ଼ିଥିଲା ଯେ ଜଣେ ଅଜଣା ବ୍ୟକ୍ତି ଏକ କଳା ରଙ୍ଗର ହିରୋ ଡିଲକ୍ସ ମୋଟରସାଇକେଲ୍‌ରେ ସର୍ଭିସ୍ ସେଣ୍ଟରକୁ ଆସିଥିଲେ। ସେ ପ୍ରାୟ ଏକ ଘଣ୍ଟାରୁ ଅଧିକ ସମୟ ଧରି ଗ୍ରାହକଙ୍କ ପରି ଆଚରଣ କରିଥିଲେ। ନିଜକୁ ଡମ୍ବୁରୁ ବୋଲି ପରିଚୟ ଦେଇଥିଲେ। ପରେ ପ୍ରାୟ ୧୨.୦୮ ଟା ସମୟରେ ଚୋରି କରିବା ଉଦ୍ଦେଶ୍ୟରେ ସର୍ଭିସ୍ ସେଣ୍ଟର ପରିସରରେ ଥିବା ୟାମାହା ମୋଟରସାଇକେଲ୍‌କୁ ସେଠାରୁ ହଟାଇ ନେଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ପୁଲିସ ଛାନ୍‌ବିନ୍ କରି ତାଙ୍କ ହେପାଜତରୁ ଚୋରି ୟାମାହା ମୋଟରସାଇକେଲ୍ ସହିତ ଏହାର ଚାବି ଜବତ କରାଯାଇଥିଲା। ସେହିପରି ଅପରାଧରେ ବ୍ୟବହୃତ କଳା ରଙ୍ଗର ହିରୋ ଡିଲକ୍ସ ମୋଟରସାଇକେଲ୍‌ଟିକୁ ମଧ୍ୟ ଜବତ କରିଥିଲା।

# ବସ୍ତି ପାଲଟିଛି ଅପରାଧୀଙ୍କ ଅନ୍ତୁଡ଼ିଶାଳ

ଭୁବନେଶ୍ୱର, ୧୭।୧(ସମିସ): ଅପରାଧମୁକ୍ତ ହେବ ରାଜଧାନୀର ବସ୍ତି। ଏଥିପାଇଁ ପୁଲିସ ବସ୍ତି ବାସିନ୍ଦାଙ୍କ ସହ ଉତ୍ତମ ସମ୍ପର୍କ ରଖିବା ସହ ବନ୍ଧୁତ୍ୱର ହାତ ବଢ଼ାଇବ। ଏଭଳି ମହତ୍ୱ ଉଦ୍ଦେଶ୍ୟ ନେଇ କମିସନରେଟ ପୁଲିସ ପକ୍ଷରୁ ଆରମ୍ଭ ହୋଇଥିଲା 'ବସ୍ତିକୁ ଚାଲ' ଅଭିଯାନ। ବସ୍ତିରେ ବଢ଼ୁଥିବା ଅପରାଧ ଓ ଅପରାଧିକ କାର୍ଯ୍ୟକଳାପକୁ ରୋକିବାକୁ 'ପୁଲିସ ମିତ୍ର' ମଧ୍ୟ ନିଯୁକ୍ତି କରାଯାଇଥିଲା। ହେଲେ ଏବେ ସେସବୁ କାଗଜପତ୍ରରେ ସୀମିତ ରହିଯାଇଛି। ଆଉ 'ବସ୍ତିକୁ ଚାଲ' ଅଭିଯାନ କୋମାକୁ ଚାଲି ଯାଇଛି। ଏବେ ବସ୍ତିରେ କଥା କଥାକେ ଫୁଟୁଛି ଗୁଳିକାଣ୍ଡ ସାଙ୍ଗକୁ ବୋମାମାଡ଼ ହେବା ସହ ନୂଆ ନୂଆ ଗ୍ୟାଙ୍ଗ ମୁଣ୍ଡ ଟେକୁଛି। ବିଭିନ୍ନ ବସ୍ତିରେ ହେଉଥିବା ଗୋଷ୍ଠୀ ବିବାଦରୁ ଏହା ସ୍ପଷ୍ଟ ହୋଇଛି।

- ମୁଣ୍ଡ ଟେକୁଛି ନୂଆ ଗ୍ୟାଙ୍ଗ; ବଢ଼ୁଛି ନିଶା କାରବାର
- ଗିରଫଙ୍କ ମଧ୍ୟରେ ସିଂହଭାଗ ବସ୍ତିର
- କାମ କରୁନି ବସ୍ତିକୁ ଚାଲ ଅଭିଯାନ



ରାଜଧାନୀ ଯେତିକି କାୟା ବିସ୍ତାର କରୁଛି ରାତାରାତି ସେତିକି ନୂଆ ବସ୍ତି ଗଢ଼ିଉଠୁଛି। ପ୍ରଥମେ ସରକାରୀ ଜମି ମାଡ଼ି ବସି ଆଶ୍ରୟ ନେଇଥିବା ଲୋକ ପରବର୍ତ୍ତୀ ସମୟରେ ବିପଦଜନକ ସାବ୍ୟସ୍ତ ହେଉଛନ୍ତି। ସରକାରୀ ଜମି ଉପରେ ଛିଡ଼ା ହୋଇଥିବା ବସ୍ତି ବର୍ତ୍ତମାନ ଅପରାଧୀଙ୍କ ପେଣ୍ଠସ୍ଥଳ ପାଲଟିଛି। ଗଞ୍ଜେଇ, ବ୍ରାଉନସୁଗର କାରବାର ଠାବ ଆରମ୍ଭ କରି ଗୋଷ୍ଠୀ ସଂଘର୍ଷ ଓ ହଣାକଟା ଦିନକୁ ଦିନ ବଢ଼ିବାରେ ଲାଗିଛି। ନିଶା ମାଫିଆମାନେ ବସ୍ତି ମାଧ୍ୟମରେ ପୁରା ରାଜଧାନୀକୁ କବଜା କରିବାକୁ ବସିଲେଣି। ବସ୍ତି ଗୁଡ଼ିକରେ ନିଶା କାରବାର ଏବେ ଚରମ ସୀମାରେ ପହଞ୍ଚିଛି। ବସ୍ତି ଗୁଡ଼ିକ ଏବେ ବ୍ରାଉନସୁଗର, ଗଞ୍ଜେଇ ଓ ଚୋରା ମଦ କାରବାରର ମଙ୍ଗ ଧରିଛନ୍ତି। ନିକଟରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଖଣ୍ଡା ବୁଲାଇଥିବା କେଦାରପଲ୍ଲୀ ବସ୍ତିର ଆକାଶ ନାୟକ ଓରଫ୍ ଗୁଣ୍ଡା ଓ ତାରିଣୀ ବସ୍ତିର ଚନ୍ଦନ ନାୟକକୁ କ୍ୟାପିଟାଲ ଥାନା ପୁଲିସ ଗିରଫ କରିଥିଲା। ସେହିପରି ସୁନା ଚେନ ଲୁଟ୍ କରିଥିବା ତାରିଣୀ ବସ୍ତିର ଆକାଶ ଓ କମଳାକାନ୍ତକୁ ଗିରଫ କରିଥିଲା ତମାଣ୍ଡୋ ଥାନା ପୁଲିସ। ଇଏ କେବଳ ଦୁଇଟି ମାମଲା ନୁହଁ, ବସ୍ତିରୁ ହିଁ ଅପରାଧୀ ତିଆରି ହେଉଥିବା ନେଇ ଶହ ଶହ ଉଦାହରଣ ରହିଛି।

ନିଶା ମାଫିଆମାନେ ପ୍ରଥମେ ବସ୍ତିରେ ରହୁଥିବା ବେକାରୀ ଯୁବକମାନଙ୍କୁ ଟାର୍ଗେଟ କରୁଛନ୍ତି। ସେମାନଙ୍କ ମାଧ୍ୟମରେ ବସ୍ତିରେ ନିଶା କାରବାରକୁ ବ୍ୟାପକ କରୁଛନ୍ତି। ବେକାରୀ ଯୁବକମାନେ ନିଶା ମାଫିଆଙ୍କ ଠାରୁ ନିଶାଦ୍ରବ୍ୟ ଆଣି ବିକ୍ରି କରି କମିସନ ପାଉଛନ୍ତି। ବିନା କୌଣସି ବିନିଯୋଗରେ ନିଶା କାରବାରରୁ ଟଙ୍କା ଉପାର୍ଜନ ହେବାପରେ ଗଣ୍ଡଗୋଳର ସୂତ୍ରପାତ ଆରମ୍ଭ ହେଉଛି। ଏଭଳି ସହଜ ଉପାୟରେ ଅର୍ଥ ଉପାର୍ଜନ ପାଇଁ ଅସାମାଜିକ ଯୁବକମାନେ ନିଜର ଗ୍ୟାଙ୍ଗ୍ ତିଆରି କରୁଛନ୍ତି। ଏହାପରେ ନିଶା କାରବାରକୁ କେନ୍ଦ୍ରକରି ହଣାକଟା ଓ ଗୋଷ୍ଠୀ ସଂଘର୍ଷ ହେଉଛି। ଏହାକୁ ନେଇ ବସ୍ତିରେ ଆତଙ୍କ ସୃଷ୍ଟି ହେବା ସହ ଗୁଳି ଓ ବୋମା ଫୁଟୁଛି। ଦିନେ ବସ୍ତିରେ ବେକାରୀ ହୋଇ ବୁଲୁଥିବା ଯୁବକ ରାତାରାତି ଅପରାଧୀ ହୋଇ ଉଭା ହେଉଛି।

ବସ୍ତିର ଅସାମାଜିକ ଯୁବକ ନିଶା କାରବାର ଟଙ୍କାରୁ ଗ୍ୟାଙ୍ଗ ଗଢ଼ିବା ପରେ ଆଉ ପାଦେ ଆଗକୁ ଯାଉଛନ୍ତି। ଆଖପାଖରେ ଥିବା ସରକାରୀ ଜମି ଉପରେ ନଜର ପକାଉଛନ୍ତି। ଏକାକୀ ନଯାଇ ପାଖ ଗାଁ ଗୁଡ଼ିକର ଯୁବକଙ୍କୁ ସାଥୀ କରୁଛନ୍ତି। ପରେ ବସ୍ତି ଓ ପାଖ ଗାଁର ଯୁବକ ମିଶି ସରକାରୀ ଜମିକୁ କବଜା କରୁଛନ୍ତି। ଏହାପରେ ଜମି ଜବରଦଖଲକୁ ନେଇ ଆରମ୍ଭ ହେଉଛି ଗୋଷ୍ଠୀ ବିବାଦ। ବିବାଦରୁ ଗୁଳିକାଣ୍ଡ ଓ ବୋମାମାଡ଼ ଭଳି ସାଙ୍ଘାତିକ ଅପରାଧଘଟାଇବାକୁ ମଧ୍ୟ ପଛାଉନାହାନ୍ତି। ବସ୍ତିରୁ ଆରମ୍ଭ ହୋଇଥିବା ନିଶା କାରବାରର ଧାରା ପରେ ବଡ଼ ବଡ଼ ଅପରାଧ ଘଟାଉଛି। ବସ୍ତିରେ ଅପରାଧ ରୋକିବା ଲାଗି କମିସନରେଟ ପୁଲିସର ପକ୍ଷରୁ ଆରମ୍ଭ କରାଯାଇଥିବା ବସ୍ତିକୁ ଚାଲ ଅଭିଯାନ ଏକପ୍ରକାର ଫେଲ୍ ମାରିଛି।



# ଭୁବନେଶ୍ୱର ସିଟି

## କୁମ୍ଭମେଳା ପାଇଁ ବିଏମ୍‌ସିର ସମୀକ୍ଷା ବୈଠକ

# ୧୦୦ କ୍ୟାମେରା ଜଗିବ ଖଣ୍ଡଗିରି ମେଳା

ଭୁବନେଶ୍ୱର, ୧୭।୧(ସମିସ): ଖଣ୍ଡଗିରି କୁମ୍ଭ ମେଳା ପାଇଁ ଭୁବନେଶ୍ୱର ମହାନଗର ନିଗମ ଏକାମ୍ର ହଲରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବ ପ୍ରସ୍ତୁତି ବୈଠକରେ ନିଆଯାଇଥିବା ନିଷ୍ପତ୍ତି କେତେଦୂର କାର୍ଯ୍ୟକାରୀ ହୋଇଛି। ସେନେଇ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀମାନେ କାର୍ଯ୍ୟ ଅଗ୍ରଗତି ସମ୍ପର୍କରେ ଅବଗତ କରାଇଥିଲେ।

ସୁରକ୍ଷା ଦୃଷ୍ଟିରୁ ଚଳିତ ବର୍ଷ ବ୍ୟାପକ ପୁଲିସ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ମେଳା ଅଞ୍ଚଳ ତଥା ଖଣ୍ଡଗିରି ଛକରୁ ଜୟଦେବ ଭାଟିକା ପର୍ଯ୍ୟନ୍ତ ଅଞ୍ଚଳ ସିସିଟିଭି ନଜରରେ ରହିବ। ସମଗ୍ର ମେଳା ଅଞ୍ଚଳରେ ୧୦୦ ଟି ସିସିଟିଭି ଲାଗିବ। ବିଭିନ୍ନ ସ୍ଥାନରେ ପୁଲିସ ଓ ବିଏମ୍‌ସି ଏନଫୋର୍ସମେଣ୍ଟ ମୁତୟନ ରହିବେ। ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ଟ୍ରାଫିକ ପୁଲିସକୁ ସହାୟତା କରିବାକୁ ଟ୍ରାଫିକ୍ ୱାର୍ଡେନଙ୍କୁ ମୁତୟନ କରାଯାଉଛି। ପାର୍କିଂ ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜନସାଧାରଣ ନିଜର ନିଜର ଯାନବାହନ ଏଣେତେଣେ ନ ରଖି କେବଳ ପାର୍କିଂ ସ୍ଥାନରେ ରଖିବା ପାଇଁ କୁହାଯାଇଛି। ଯେ କୌଣସି ଦୁର୍ଘଟଣା ପାଇଁ ୨୪ ଘଣ୍ଟିଆ ଅଗ୍ନିଶମ ବାହିନୀ ସଜାଗ ରହିବେ। ସେଠାରେ ଫାୟାର, ପୁଲିସ, ବିଏମ୍‌ସି ଓ ମେଡିକାଲ କଣ୍ଟ୍ରୋଲ ରୁମ୍ ମଧ ଖୋଲାଯାଉଛି।




ସେହିପରି ମେଳା ପାଇଁ ବ୍ୟାପକ ଆଲୋକ ବ୍ୟବସ୍ଥା କରାଯାଇଛି। କୋଳଥିଆ ଜଗନ୍ନାଥ ମନ୍ଦିରଠାରୁ ଖଣ୍ଡଗିରି ପାହାଡ ଉପର ପର୍ଯ୍ୟନ୍ତ ବ୍ୟାପକ ଆଲୋକ ବ୍ୟବସ୍ଥା କରାଯାଉଛି। ସେହିପରି ଯାତ୍ରା ପାର୍ଟିମାନେ ଅଶ୍ଳୀଳ ନୃତ୍ୟ ନ କରିବା ପାଇଁ ବିଧାୟକ ଓ ମେୟର ଅନୁରୋଧ କରିଛନ୍ତି। ପାନୀୟ ଜଳ ଯୋଗାଣ ପାଇଁ ଟ୍ୟାଙ୍କର ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ସେଠାରେ ଥିବା ଟ୍ୟୁବୱେଲଗୁଡ଼ିକ ମଧ କାର୍ଯ୍ୟକ୍ଷମ କରାଯାଇଛି।

ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିବର୍ଷ ଶହ ଶହ ସାଧୁ ସନ୍ନ୍ୟାସୀ ଖଣ୍ଡଗିରି କୁମ୍ଭ ମେଳାକୁ ଆସିଥାନ୍ତି। ସେମାନଙ୍କର ରହିବା, ଖାଇବା, ଟଏଲେଟ୍ ଆଦି ସହ ହୋମ, ଯଜ୍ଞ ପାଇଁ ମଧ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ବୁଲା ବିକାଳିଙ୍କୁ ଖଣ୍ଡଗିରି କୁମ୍ଭ ମେଳାରେ ବ୍ୟବସାୟ କରିବା ପାଇଁ ବାରଣ କରାଯାଇଛି। ବିଭିନ୍ନ ଅଞ୍ଚଳରୁ ଆସୁଥିବା ପାଟରାଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସ୍ଥାନ ସଂରକ୍ଷଣ କରାଯାଇଛି। କାରଣ ସେହିମାନେ ମେଳା ଆରମ୍ଭରୁ ହିଁ ଏଠାରେ ଦୋକାନ ବଜାର ପକାଇ ଆସୁଛନ୍ତି। ତେଣୁ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ଏବଂ ଅଧିକ ସ୍ଥାନ ଦେବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଯେଉଁ ବିଭାଗର କିଛି କାର୍ଯ୍ୟ ବାକି ରହିଛି, ସେମାନେ ୨୩ ତାରିଖ ସୁଦ୍ଧା କାମ ସାରିବାକୁ ତାଗିଦ କରାଯାଇଛି। ଆସନ୍ତା ୨୩ ତାରିଖ ଦିନ ମେୟରଙ୍କ ସହ ଏକାମ୍ର ବିଧାୟକ, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧକ୍ଷ, ସ୍ଥାନୀୟ କର୍ପୋରେଟର ବୃନ୍ଦ ଓ ଜାଗମରା ଗ୍ରାମ୍ୟ କମିଟି କର୍ମକର୍ତ୍ତା ମିଳିତ ଭାବେ କ୍ଷେତ୍ର ପରିଦର୍ଶନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ମେୟର ସୁଲୋଚନା ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏକାମ୍ର ବିଧାୟକ ବାବୁ ସିଂ, ଷ୍ଟାଣ୍ଡିଂ କମିଟି ଅଧକ୍ଷ ରାମଚନ୍ଦ୍ର ରଣସିଂହ, ଅତିରିକ୍ତ କମିଶନର ରତ୍ନାକର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏକାଧିକ ବିଭାଗର ପ୍ରମୁଖ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ମ୍ୟୁଜିକ ସର୍କଲ ପକ୍ଷରୁ 'ମୁଜିକ୍ ଇନ ପାର୍କ'

ଭୁବନେଶ୍ୱର, ୧୭।୧(ସମିସ): ମ୍ୟୁଜିକ ସର୍କଲ ପକ୍ଷରୁ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ପାର୍କରେ 'ମୁଜିକ୍ ଇନ ପାର୍କ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଯେଉଁଥିରେ 'ଲଭେବୁଲ ରାଗଜ୍' ଆଧାରିତ ସଙ୍ଗୀତ ପରିବେଷଣ ହୋଇଥିଲା। ପାରମ୍ପରିକ ସଙ୍ଗୀତ ପ୍ରତି ରୁଚି ରଖୁଥିବା ଲୋକଙ୍କ ପାଇଁ ଏହି କାର୍ଯ୍ୟକ୍ରମ ପାର୍କରେ ଆୟୋଜିତ ହୋଇଥିଲା। ମ୍ୟୁଜିକ ସର୍କଲ ପକ୍ଷରୁ ପ୍ରତି ଶୀତ ଋତୁରେ ଦୁଇରୁ ତିନୋଟି କାର୍ଯ୍ୟକ୍ରମ ପାର୍କରେ ଆୟୋଜିତ ହୋଇଥାଏ। ଏଥିରେ ସ୍ୱପ୍ନାରାଣୀ ପାତ୍ର ଏବଂ ଧୃତିମୟ ବେହେରା ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କୁ ଏଥିରେ ରତିକାନ୍ତ ବେହେରା, ସଞ୍ଜୟ ରାଉତ ଏବଂ ପ୍ରିୟ ରଞ୍ଜନ ମହାନ୍ତି ସହଯୋଗ କରିଥିଲେ।

## ସୁବୀର ଦାସଙ୍କୁ ପ୍ରଣବ ପରମ୍ପରା ସମ୍ମାନ

ଭୁବନେଶ୍ୱର, ୧୭।୧(ସମିସ): ସମ୍ଭାବନା ପକ୍ଷରୁ କିମ୍ବଦନ୍ତୀ ଗାୟକ ପ୍ରଣବ କିଶୋର ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଆସନ୍ତା ଜାନୁଆରୀ ୧୯ରେ ପ୍ରଣବ ପରମ୍ପରା ସମ୍ମାନ ପ୍ରଦାନ କରାଯିବ। ଏହି ଉତ୍ସବରେ ଜୟଦେବ ଭବନଠାରେ ସୌ÷ରଭ ନାୟକ, ଗୌ÷ତମ ଗିରି, ହରପ୍ରିୟା ସ୍ୱାଇଁ, ଛନ୍ଦା ମିଶ୍ର, ସିଦ୍ଧାନ୍ତ ଶତପଥି, ସତ୍ୟ ସାର୍ଥକ ମହାପାତ୍ର ପ୍ରମୁଖ ବହୁ ପ୍ରତିଷ୍ଠିତ ସଙ୍ଗୀତ ଶିଳ୍ପୀମାନେ ପ୍ରଣବ ସଙ୍ଗୀତ ପରିବେଷଣ କରିବେ। ପ୍ରତିବର୍ଷ ଏହି ଅବସରରେ ଓଡ଼ିଆ ସଙ୍ଗୀତ ଗାୟନ ପାଇଁ 'ପ୍ରଣବ ପରମ୍ପରା ସମ୍ମାନ' ପ୍ରଦାନ କରାଯାଇଥାଏ। ଚଳିତ ବର୍ଷ ଏହି ସମ୍ମାନ ବେତାର କଣ୍ଠଶିଳ୍ପୀ ସୁବୀର ଦାସଙ୍କୁ ପ୍ରଦାନ କରାଯିବ। ଏସମ୍ପର୍କରେ ସଂସ୍କୃତି ସମୀକ୍ଷକ ସୂର୍ଯ୍ୟ ଦେଓ, ୨୦୨୪ର ଶ୍ରେଷ୍ଠ ଓଡ଼ିଆଣୀ ଜ୍ୟୋତ୍ସ୍ନାମୟୀ ସେନାପତି, ସମ୍ଭାବନାର ପରିଚାଳନା ଟ୍ରଷ୍ଟି ଦେବ ପ୍ରସାଦ ପରିଜା, ସମ୍ଭାବନାର ଟ୍ରଷ୍ଟି ସ୍ମୃତି ମହାନ୍ତି, ପ୍ରଫୁଲ୍ଲ ଦେ ପ୍ରମୁଖ ସାମ୍ବାଦିକ ସମ୍ମିଳନୀ ମାଧମରେ ସୂଚନା ଦେଇଥିଲେ। ପୂର୍ବରୁ ବୀଣାପାଣି ନାୟକ, ଦେବାଶିଷ ମହାପାତ୍ର, ଡ. ସଙ୍ଗୀତା ଗୋସାଇଁ, ଇନ୍ଦ୍ରାଣୀ ମିଶ୍ର ଆଦି ଏହି ପ୍ରଣବ ପରମ୍ପରା ସମ୍ମାନ ଗ୍ରହଣ କରିସାରିଛନ୍ତି।

## 'ବିକଶିତ ଭାରତ ଯୁବ ନେତୃତ୍ୱ ସମ୍ବାଦ'ରେ ସୋଆ ଛାତ୍ରଙ୍କ କୃତିତ୍ୱ

ଭୁବନେଶ୍ୱର, ୧୭ ।୧(ସମିସ):'ବିକଶିତ ଭାରତ ଯୁବ ନେତୃତ୍ୱ ସମ୍ବାଦ' କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଥମ ସ୍ଥାନ ଅଧିକାର କରିବାର ଗୌରବ ଅର୍ଜନ କରିଛନ୍ତି ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଅନ୍ତର୍ଗତ କମ୍ପ୍ୟୁଟର ସାଇନସ୍ ଏବଂ ଇଞ୍ଜିନିୟରିଂ ବିଭାଗର ଛାତ୍ର ଅଖିଳ କୁମାର ଦ୍ୱିବେଦୀ। ଶ୍ରୀ ଦ୍ୱିବେଦୀ 'ବିକଶିତ ଭାରତ ପାଇଁ ଭବିଷ୍ୟତ ପ୍ରସ୍ତୁତ କାର୍ମିକ ଶକ୍ତି ଗଢ଼ିବା' ଥିମାଟିକ୍ ଟ୍ରାକ୍ ଅଧୀନରେ ଅଂଶଗ୍ରହଣ କରିଥିଲେ। ଚୟନ ପ୍ରକ୍ରିୟା ଏକାଧିକ ପର୍ଯ୍ୟାୟରେ ହୋଇଥିଲା ଏବଂ ଏଥିରେ ଓଡ଼ିଶାରୁ ୧୦ହଜାରରୁ ଊର୍ଦ୍ଧ୍ୱ ପ୍ରାର୍ଥୀ ଭାଗ ନେଇଥିଲେ। ଭୁବନେଶ୍ୱର ଫେରିବା ପରେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର ଡ. ମନୋଜରଞ୍ଜନ ନାୟକ ଶ୍ରୀ ଦ୍ୱିବେଦୀଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି।

## ଉପନ୍ୟାସ 'ସନ୍ଦେହର ସଳିତା' ଉନ୍ମୋଚିତ

ଭୁବନେଶ୍ୱର, ୧୭ ।୧(ସମିସ): ଗାଳ୍ପିକା ଭୁବନେଶ୍ୱରୀ ପଣ୍ଡାଙ୍କ ଉପନ୍ୟାସ 'ସନ୍ଦେହର ସଳିତା' ବାଚସ୍ପତି ସୁରମା ପାଢ଼ୀଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ବିଧାନସଭା ପରିସରରେ ବାଚସ୍ପତିଙ୍କ ପ୍ରକୋଷ୍ଠରେ ଆୟୋଜିତ ଏହି ଉନ୍ମୋଚନ କାର୍ଯ୍ୟକ୍ରମରେ କବି ଅପର୍ଣ୍ଣା ମହାନ୍ତି, କଥାକାର ପ୍ରବୀଣା ମହାନ୍ତି, ପ୍ରକାଶକ ସରୋଜ ବଳ ଓ ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ୨୭ରୁ ଉତ୍ତରପୁରୁଷ ନାଟ୍ୟ ପରିକ୍ରମା

ଭୁବନେଶ୍ୱର, ୧୭ ।୧ (ସମିସ):ଭୁବନେଶ୍ୱରର ପୁରାତନ ନାଟ୍ୟ ସଂସ୍ଥା ଉତ୍ତର ପୁରୁଷର ବାର୍ଷିକ ଉତ୍ସବ ପରିପ୍ରେକ୍ଷୀରେ ଚଳିତ ଜାନୁଆରୀ ମାସ ୨୭ରୁ ଆୟୋଜିତ ହେବ ଉତ୍ତର ପୁରୁଷ ନାଟକ ପରିକ୍ରମା -୨୦୨୬। ଏହି ଅବସରରେ ରବୀନ୍ଦ୍ର ମଣ୍ଡପରେ ତିନି ଦିନ ଧରି ତିନୋଟି ନାଟକ ପରିବେଷଣ ହେବ। ପ୍ରଥମ ସନ୍ଧ୍ୟା ଅର୍ଥାତ୍ ୨୭ ତାରିଖରେ ୨୧ ବର୍ଷୀୟ ଜଣେ ଯୁବ ନାଟ୍ୟକାରଙ୍କ ପ୍ରଥମ ଲିଖିତ ନାଟକ 'ଅଦୃଷ୍ଟ' ପରିବେଷଣ ହେବ। ଦ୍ୱିତୀୟ ସନ୍ଧ୍ୟାରେ ନାଟକ 'କର୍ଣ୍ଣ' ମଞ୍ଚସ୍ଥ ହେବ। ସେହିପରି ଶେଷ ସନ୍ଧ୍ୟାରେ ନାଟକ 'ରାଜଜେମା' ମଞ୍ଚସ୍ଥ ହେବାକୁ ଯାଉଛି।

## ବିଦ୍ୟାଳୟ ଶିକ୍ଷାରେ ମାନସିକ ସ୍ୱାସ୍ଥ୍ୟ ଓ ଭାରତୀୟ ଜ୍ଞାନ ପରମ୍ପରାର ପ୍ରସାର କର୍ମଶାଳା

ଭୁବନେଶ୍ୱର, ୧୭ ।୧(ସମିସ): ଏନ୍‌ସିଇଆର୍‌ଟିର ମନୋଦର୍ପଣ ବିଭାଗ ଓ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ 'ବିଦ୍ୟାଳୟ ଶିକ୍ଷାରେ ଭାରତୀୟ ଜ୍ଞାନ ପରମ୍ପରା ଓ ମାନସିକ ସ୍ୱାସ୍ଥ୍ୟ ପ୍ରଚଳନ ବ୍ୟବସ୍ଥା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଅଧକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ମନୋଦର୍ପଣ ବିଭାଗର ମୁଖ୍ୟ ପ୍ରଫେସର ବିନୋଦ କୁମାର ସାନ୍ୟାଲ୍ 'ଉମ୍ମିଦ ମାର୍ଗଦର୍ଶିକା'କୁ ବିଭିନ୍ନ ଭାରତୀୟ ଭାଷାରେ ଏହାର ଅନୁବାଦ ହେଉଥିବା ସୂଚନା ଦେଇଛନ୍ତି। ପ୍ରଫେସର ଶଙ୍କର ପ୍ରସାଦ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଲକ୍ଷ୍ମୀଧର ବେହେରା, ଡ. କଳିଙ୍ଗ କେତକୀ, ଡ. ବେଦପ୍ରକାଶ ବର୍ମାଙ୍କ ସମେତ ଓଡ଼ିଶା, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ଆଣ୍ଡାମାନ ନିକୋବର ଦ୍ୱୀପ ସମୂହର ବିଷୟ ବିଶେଷଜ୍ଞମାନେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମାନସିକ ଚାପ ଓ ଉଦ୍‌ବେଗକୁ ହ୍ରାସ କରି ସାମଗ୍ରିକ ଭାବେ ସେମାନଙ୍କ ବିକାଶ ଉପରେ ଆଲୋଚନା କରିଥିଲେ। ବିଶେଷଜ୍ଞ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ଡ. ଜୟନ୍ତ କୁମାର ନାୟକ, ପ୍ରଫେସର ଦେବେନ୍ଦ୍ର କୁମାର ବିଶ୍ୱାଳ, ଡ. ସୁଭଦୀପ ପାଲ, ଡ. ଯୋଗାମାୟା ପଣ୍ଡା, ଡ. ବେନ୍ନି ଜୟ, ଡ. ଏସ୍‌ଏମ୍ ଅବାସ ପ୍ରମୁଖ ସେମାନଙ୍କ ଅଭିଜ୍ଞତା ବାଣ୍ଟିବା ସହ ବିଭିନ୍ନ ପରାମର୍ଶ ଦେଇଥିଲେ।

## କିମ୍‌ସରେ ବର୍ଷକର ଶିଶୁର ବିରଳ ଅସ୍ତ୍ରୋପଚାର

ଭୁବନେଶ୍ୱର, ୧୭ ।୧(ସମିସ):କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ (କିମସ) ରେ ଜଣେ ଏକ ବର୍ଷ ବୟସର ଶିଶୁଠାରେ ଜଟିଳ ଓ ବିରଳ ଅସ୍ତ୍ରୋପଚାର ସଫଳ ହୋଇଛି। ଶିଶୁଟିର ମୁଣ୍ଡର ଆକାର ଅସ୍ୱାଭାବିକ ରହିଥିବା ବେଳେ ଆଖି ଫୁଲିବା ଓ ବୃଦ୍ଧି ବିଳମ୍ବ ହେଉଥିଲା ଏପରି ଅବସ୍ଥାରେ ଶିଶୁଟିକୁ ପରିବାର ଲୋକେ କିମ୍‌ସ ଡାକ୍ତରଙ୍କ ସହ ପରାମର୍ଶ କରିବା ପରେ ଶିଶୁଟି କ୍ରୁଜନ୍ ସିଣ୍ଡ୍ରୋମ୍‌ରେ ପୀଡିତ ଓ ଖପୁରୀ ଭିତରେ ବିପଜ୍ଜନକ ଭାବରେ ଉଚ୍ଚ ଚାପ ଥିବା ଜଣାପଡ଼ିଥିଲା। କିମ୍‌ସର ବିଶେଷଜ୍ଞମାନେ ଶିଶୁଠାରେ ସଫଳତାର ସହ କ୍ରାନିଓଫେସିଆଲ୍ ଅସ୍ତ୍ରୋପଚାର କରିଥିଲେ। କିମସର ପ୍ରଫେସର ସୁନୀଲ କୁମାର ରାଉତ (ପ୍ଲାଷ୍ଟିକ୍ ସର୍ଜରୀ), ପ୍ରଫେସର ଦୀପ୍ତି ରଞ୍ଜନ ଶତପଥୀ (ନ୍ୟୁରୋସର୍ଜରୀ), ବରିଷ୍ଠ ଆନାସ୍ଥସିଓଲୋଜିଷ୍ଟ ଡ. ସଞ୍ଜୟ କୁମାର ମାଝୀ ଓ ଶିଶୁ ରୋଗ ବିଶେଷଜ୍ଞ ପ୍ରଫେସର ସେବାରଞ୍ଜନ ବିଶ୍ୱାଳଙ୍କ ନେଇ ଏକ ବହୁମୁଖୀ କ୍ରାନିଓଫେସିଆଲ୍ ବିଶେଷଜ୍ଞ ଦଳ ଏଥିରେ ସାମିଲ ଥିଲେ। ଏଭଳି ବିରଳ ଓ ସଫଳ ଚିକିତ୍ସାରେ କିଟ୍, କିସ୍ ଓ କିମ୍‌ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସମ୍ପୃକ୍ତ ଡାକ୍ତରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ରାଜପଥ ପାଟ୍ରୋଲିଂ ଟିମଙ୍କ ଦକ୍ଷତା ବୃଦ୍ଧି କର୍ମଶାଳା

ଭୁବନେଶ୍ୱର, ୧୭ ।୧(ସମିସ): ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ରାଜ୍ୟର ରାଜପଥଗୁଡ଼ିକୁ ଆହୁରି ସୁରକ୍ଷିତ କରିବା ଲକ୍ଷ୍ୟରେ ରାଜପଥ ପାଟ୍ରୋଲିଂ ଅଧିକାରୀମାନଙ୍କ ପାଇଁ ଦୁଇଦିନିଆ ଦକ୍ଷତା ବୃଦ୍ଧି କର୍ମଶାଳା ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ରାଜ୍ୟର ୧୭ଟି ଜିଲ୍ଲାରୁ ଆସିଥିବା ୫୦ରୁ ଅଧିକ ଅଧିକାରୀ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ସଡ଼କ ଦୁର୍ଘଟଣା ହ୍ରାସ, ପାଟ୍ରୋଲିଂର ଭୂମିକା, ବିଭାଗୀୟ ସମନ୍ୱୟ ଓ ଜନସଚେତନତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆରବିଜି ଲ୍ୟାବ୍ସ, ଆଇଆଇଟି ମାଡ୍ରାସର ପ୍ରମୁଖ ପ୍ରକଳ୍ପ ଅଧିକାରୀ ତଥା ଅବସରପ୍ରାପ୍ତ ପ୍ରଶାସକ ଗଙ୍ଗାଧର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିରିକ୍ତ ପରିବହନ କମିଶନର (ସଡ଼କ ସୁରକ୍ଷା) ଦୀପ୍ତି ରଞ୍ଜନ ପାତ୍ର, ଭୁବନେଶ୍ୱର- ୨ ଆରଟିଓ ସନତ ଜେନା, ଅବସରପ୍ରାପ୍ତ ଆରଟିଓ ଅଧିକାରୀ ରବିନ୍ ପଟ୍ଟନାୟକ ମତ ଉପସ୍ଥାପନ କରି ଥିଲେ। ଭାରତୀୟ ରେଡକ୍ରସ୍ ସୋସାଇଟିର ଲକ୍ଷ୍ମଣ ସ୍ୱାଇଁଙ୍କଠାରୁ ସଡ଼କ ଦୁର୍ଘଟଣା ପରେ ପ୍ରାଥମିକ ଚିକିତ୍ସା ଏବଂ ଜରୁରିକାଳୀନ ପ୍ରତିକ୍ରିୟା କେତେ ଗୁରୁତ୍ୱପୂର୍ଣ୍ଣ ଓ ଏହା କିଭଳି କରାଯାଇପାରିବ ତାହାର ଲାଇଭ ଦେଖାଇଥିଲେ।

## ୧୯ରେ ଓୟୁଟିଆର ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର, ୧୭ ।୧(ସମିସ): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର)ର ତୃତୀୟ ସମାବର୍ତ୍ତନ ଉତ୍ସବ ଆସନ୍ତା ୧୯ରେ ଅନୁଷ୍ଠିତ ହେବାକୁ ଯାଉଛି। ଭୁବନେଶ୍ୱର ରେଳ ଅଡିଟୋରିୟମ ଠାରେ ହେବାକୁ ଥିବା ଏହି ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସଭାପତିତ୍ୱ କରିବେ। ଏନେଇ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ସୂଚନା ଦେଇଛନ୍ତି। ସମାବର୍ତ୍ତନ ଉତ୍ସବରେ ୭୩୯ ସ୍ନାତକ, ୩୩୭ ସ୍ନାତକୋତ୍ତର, ପ୍ରଥମ ଥର ପାଇଁ ୪ଜଣଙ୍କୁ ପିଏଚ୍‌ଡି, ୬୪ ଜଣଙ୍କୁ ବିଜ୍ଞାନରେ ସ୍ନାତକ ସହ ସମୁଦାୟ ୧୧୪୪ ଛାତ୍ରଛାତ୍ରୀଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯିବ। ଏହାସହ ଜଣଙ୍କୁ କୁଳପତି ପଦକ, ୨ଜଣଙ୍କୁ ସ୍ୱର୍ଣ୍ଣପଦକ, ୨୯ ଜଣଙ୍କୁ ରୌପ୍ୟ ପଦକ ଦିଆଯିବ ବୋଲି ପ୍ରଫେସର ବିଶ୍ୱାଳ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ମୀରା ବିଶ୍ୱବନ୍ଧ୍ୟା, ପ୍ରଫେସର ଅଚ୍ୟୁତାନନ୍ଦ ଆଚାର୍ଯ୍ୟ, ପ୍ରଫେସର ରଞ୍ଜନ କୁମାର ଜେନା, ପ୍ରଫେସର ଅରୁଣା ତ୍ରିପାଠୀଙ୍କ ସମେତ ବହୁ ଅଧାପକ ଅଧାପିକା ଉପସ୍ଥିତ ଥିଲେ।

## ଭୁବନେଶ୍ୱର ଦୁଗ୍ଧ ଉତ୍ପାଦନକାରୀ ସଂଘ ସଭାପତି ହେଲେ ପୀତାମ୍ବର

ଭୁବନେଶ୍ୱର, ୧୭ ।୧(ସମିସ): ଦୁଗ୍ଧ ଉତ୍ପାଦନକାରୀ ସଂଘ ଭୁବନେଶ୍ୱରର ସଭାପତି ଭାବେ ପିତାମ୍ବର ବେହେରା ନିର୍ବାଚିତ ହୋଇଛନ୍ତି। ଶନିବାର ବାୟାବାବା ମଠ କାର୍ଯ୍ୟାଳୟରେ ଭୁବନେଶ୍ୱରର ସମସ୍ତ ଦୁଗ୍ଧଚାଷୀ ସଦସ୍ୟ ଉପସ୍ଥିତ ରହି ଶ୍ରୀ ବେହେରାଙ୍କୁ ସଭାପତି ଭାବେ ନିର୍ବାଚିତ କରିଛନ୍ତି। ରାଜଧାନୀର ଦୁଗ୍ଧ ଚାଷୀ ମାନଙ୍କର ଅଧିକାର ପାଇଁ ଲଢେଇ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅର୍ଜୁନ ବେହେରା, କାଳନ୍ଦୀ ବେହେରା, ତ୍ରିନାଥ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଫେବୃୟାରୀ ୧୨ରେ ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବାକୁ ଆହ୍ୱାନ

ଭୁବନେଶ୍ୱର, ୧୭ ।୧(ସମିସ) କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ଓ ଜନବିରୋଧୀ ନୀତି ପ୍ରତିବାଦରେ ଆସନ୍ତା ମାସ ୧୨ ତାରିଖରେ ସର୍ବଭାରତୀୟ ଧର୍ମଘଟ କରାଯିବ। ଏହି ଧର୍ମଘଟକୁ ସଫଳ କରିବାକୁ ସମସ୍ତ କେନ୍ଦ୍ରୀୟ ଟ୍ରେଡ୍‌ୟୁନିଅନ ଓ ସ୍ୱାଧୀନ ଫେଡେରେସନମାନଙ୍କ ପକ୍ଷରୁ ଆହ୍ୱାନ ଦିଆଯାଇଛି। ରେଡକ୍ରସ ଭବନ ଠାରେ ଆୟୋଜିତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ସ୍ୱାଧୀନ ଫେଡେରେସନମାନଙ୍କର ରାଜ୍ୟ ସମ୍ମିଳନୀରେ ଏହି ନିଷ୍ପତ୍ତି ନିଆଯାଇଛି। ସମ୍ମିଳନୀରେ କେନ୍ଦ୍ର ସରକାରଙ୍କର ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର, ଶ୍ରମିକ ଓ କର୍ମଚାରୀମାନଙ୍କର ୧୪ ଦଫା ଦାବି ପୂରଣ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଯୋଜନାକୁ ଦୁର୍ବଳ କରାଯାଉଥିବା ପ୍ରଚେଷ୍ଟା ବିରୋଧରେ ତୀବ୍ର ଆପତ୍ତି ପ୍ରକାଶ ପାଇଛି। ଏହି ଧର୍ମଘଟକୁ ସଂଯୁକ୍ତ କିଷାନ ମୋର୍ଚ୍ଚା ସହିତ କଂଗ୍ରେସ, ସିପିଆଇ(ଏମ୍), ସିପିଆଇ, ସିପିଆଇ(ଏମ୍/ଏଲ) ଲିବରେସନ ଓ ଫରୱାର୍ଡ ବ୍ଲକ ପକ୍ଷରୁ ସମର୍ଥନ ଘୋଷଣା କରାଯାଇଛି। ସମ୍ମିଳନୀରେ ରାଜନୈତିକ ଦଳ ପକ୍ଷରୁ ସିପିଆଇଏମର ନେତା ଜନାର୍ଦ୍ଦନ ପତି, ସିପିଆଇ ନେତା ପୂର୍ବତନ ବିଧାୟକ ନାରାୟଣ ରେଡ୍ଡି, ସିପିଆଇଏମଏଲ ଲିବରେସନ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଏସୟୁସିଆଇ (କମ୍ୟୁନିଷ୍ଟ)ର ରାଜ୍ୟ କମିଟି ସଦସ୍ୟ ସୁରେନ୍ଦ୍ର ପ୍ରଧାନ ଓ ଫରୱାର୍ଡ ବ୍ଲକର ରାଜ୍ୟ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ। ସଂଯୁକ୍ତ କିଷାନ ମୋର୍ଚ୍ଚାର ନେତା କ୍ଷୀରୋଦ ନାରାୟଣ ସିଂ ଦେଓ, ବୃହସ୍ପତି ସାମଲ, ଅଜୟ ମହାନ୍ତି, ରୂପ ନାରାୟଣ ସାହୁ, ମହେନ୍ଦ୍ର ପରିଡ଼ା ଆଦି ଧର୍ମଘଟକୁ ସଫଳ କରିବାକୁ ଡାକରା ଦେଇଥିଲେ।

## ଦୁଇଦିନ ବଢ଼ିଲା ଶିଶିର ସରସ ମେଳା

ଭୁବନେଶ୍ୱର, ୧୭ ।୧(ସମିସ): ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆଠାରେ ଚାଲିଥିବା ଶିଶିର ସରସ ମେଳା ଅବଧି ଆଉ ଦୁଇ ଦିନକୁ ବୃଦ୍ଧି କରାଯାଇଛି। ୧୮ ତାରିଖରେ ସମାପ୍ତ ହେବାକୁ ଥିବା ଏହି ମେଳା ୧୯ ଓ ୨୦ରେ ମଧ ଖୋଲା ରହିବ। ଅଷ୍ଟମ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ଯୋଗ ଦେଇଥିଲେ। ଅଷ୍ଟମ ଦିନରେ ସୁନ୍ଦରଗଡ଼ର ମହୁଆ ଉତ୍ପାଦ, ବେଷ୍ଟ ଫୁଡ୍ ଷ୍ଟଲରେ ମୟୂରଭଞ୍ଜର ଖାଦ୍ୟ, ବେଷ୍ଟ ଆଉଟସାଇଡ୍ ଷ୍ଟେଟ୍ ଇନୋଭେଟିଭ ପ୍ରଡ଼କ୍ଟରେ ତ୍ରିପୁରା ବାଉଁଶ କାମ, ବାଲେଶ୍ୱରର ଲାଖ କାମକୁ ବେଷ୍ଟ ଥିମ୍ ଷ୍ଟଲ ପୁରସ୍କାର ସହ କୋରାପୁଟ ଷ୍ଟଲକୁ ବେଷ୍ଟ ପ୍ୟାକେଜିଂ, ବେଷ୍ଟ ଡିସ୍‌ପ୍ଲେ ଗୁଜରାଟ ଷ୍ଟଲ, ବେଷ୍ଟ ସେଲ୍ସମ୍ୟାନ୍ ଯାଜପୁର ଷ୍ଟଲକୁ ପୁରସ୍କୃତ କରାଯାଇଛି। ଏହାସହ ମେଳାରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ଗୋଷ୍ଠୀ ଭିତ୍ତିକ ସଂଗଠନ (ସିବିଓ) ମାନଙ୍କୁ ସେମାନଙ୍କର ଅନନ୍ୟ କୃତି ପାଇଁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ରାଜ୍ୟର ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଓରମାସ ଏବଂ ଆଇସିଏଆର-ସିପିସିଆରଆଇ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଆଇସିଏଆର-ସିପିସିଆରଆଇର ନିର୍ଦ୍ଦେଶକ ଡ. କେ.ବି. ହେବାରଙ୍କ ଉପସ୍ଥିତିରେ ସ୍ୱାକ୍ଷରିତ ଏହି ଚୁକ୍ତି ଅନୁଯାୟୀ, ନଡ଼ିଆର ବିଭିନ୍ନ ମୂଲ୍ୟଯୁକ୍ତ ଉତ୍ପାଦର ବିକାଶ ପାଇଁ ବୈଷୟିକ ସହଯୋଗ ଯୋଗାଇ ଦିଆଯିବ, ଯାହା ସ୍ଥାନୀୟ କାରିଗର ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ନୂତନ ଜୀବିକା ପନ୍ଥା ସୃଷ୍ଟି କରିବ। ପ୍ରାରମ୍ଭରେ ଓରମାସର ମୁଖ୍ୟ ନିର୍ବାହୀ ଅଧିକାରୀ ଡ. ମୋନିକା ପ୍ରିୟଦର୍ଶିନୀ ସ୍ୱାଗତ ଭାଷଣ ପ୍ରଦାନ ଦେଇଥିବା ବେଳେ ସଞ୍ଜୀବ କୁମାର ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

**ଆଇସିଏଆର-ସିପିସିଆରଆଇ ସହ ବୁଝାମଣା ପତ୍ର ସ୍ୱାକ୍ଷରିତ**

## ଦ୍ୱିତୀୟ ସନ୍ଧ୍ୟାରେ କର୍ଣ୍ଣାଟକୀ ସଙ୍ଗୀତ ଓ ସନ୍ତୁର ବାଦନ

ଭୁବନେଶ୍ୱର, ୧୭ ।୧(ସମିସ): ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଦ୍ୱାରା ଆୟୋଜିତ ରାଜାରାଣୀ ସଙ୍ଗୀତ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାରେ କର୍ଣ୍ଣାଟକୀ ଶାସ୍ତ୍ରୀୟ ସଙ୍ଗୀତ ଓ ସନ୍ତୁର ବାଦନର ମୂର୍ଚ୍ଛନାରେ ମନ୍ଦିର ପ୍ରାଙ୍ଗଣ ମୁଖରିତ ହୋଇଥିଲା। ପ୍ରଥମେ ଚେନ୍ନାଇର ସୁମିତ୍ରା ବାସୁଦେବଙ୍କ ଦ୍ୱାରା କର୍ଣ୍ଣାଟକୀ ସଙ୍ଗୀତ ପରିବେଷଣ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ନୂଆଦିଲ୍ଲୀର ପଣ୍ଡିତ ଅଭୟ ରୁସ୍ତମ ସୋପୋରୀ ଏବଂ ସାଥିଙ୍କ ଦ୍ୱାରା ସନ୍ତୁର ବାଦନ କରିଥିଲେ। ତାଙ୍କ ସହ ପଖୱାଜରେ ଋଷି ଶଙ୍କର ଉପାଧ୍ୟାୟ, ତବଲାରେ ଉଜିତ ଉଦୟ କୁମାର ଏବଂ ଘଟମରେ ବରୁଣ ରାଜାଶେଖରନ ଥିଲେ। ସନ୍ଧ୍ୟାରେ ଅତିଥି ଭାବେ ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ପ୍ରଫେସର ଅପର୍ଣ୍ଣା ସୋପୋରି, ବିଶିଷ୍ଟ ମର୍ଦ୍ଦଳ ବାଦକ ଗୁରୁ ଧନେଶ୍ୱର ସ୍ୱାଇଁ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଡ. ସାଧନା ଶ୍ରିବାସ୍ତବ ଓ ଡ. ସଙ୍ଗୀତା ଗୋସାଇଁ।

## ୧୬ କୋଟିର କେନାଲର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର

ବାଲିଅନ୍ତା, ୧୭ ।୧(ସମିସ): ପ୍ରାଚୀ ଡିଭିଜନ ବାଲିଅନ୍ତା କେନାଲ ସବ ଡିଭିଜନ ଅଧୀନ ବାଲିଅନ୍ତା ସାଇଫନ ଛକସ୍ଥିତ ଗୋପ ଶାଖା କେନାଲର ବିକାଶ ନେଇ ଜଳ ସମ୍ପଦ ବିଭାଗ ପକ୍ଷରୁ ୧୬ କୋଟି ୧୯ ଲକ୍ଷ ୪୫ ହଜାର ଟଙ୍କା ମଞ୍ଜୁର ହୋଇଛି। ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିରେ ୪ କିମି ପର୍ଯ୍ୟନ୍ତ କେନାଲ ଶଯ୍ୟା ଉନ୍ନତୀକରଣ କରାଯିବ। ସାଇଫନ ଛକ ଠାରୁ ବେଣ୍ଣପୁର ପର୍ଯ୍ୟନ୍ତ ୨୫୫୦ ମିଟର ନଦୀ ଶଯ୍ୟାର ଉଭୟ ପାର୍ଶ୍ୱ କଂକ୍ରିଟ ଲାଇନିଂ କାର୍ଯ୍ୟ କରାଯିବ। ସେଠାରୁ ରାମଚନ୍ଦ୍ରପୁର ପର୍ଯ୍ୟନ୍ତ କେନାଲର ଜଳଧାରଣ କ୍ଷମତା ବଞ୍ଚାଇବା ପାଇଁ ଉନ୍ନତୀକରଣ କରାଯିବ। ପ୍ରତି ୨୦୦ ମିଟର ବ୍ୟବଧାନରେ ଜନ ସାଧାରଣ ସ୍ନାନ ସେଚ ପାଇଁ ପାହାଚ ନିର୍ମାଣ କରାଯିବ। ସେହିପରି ୭୪୪ ମିଟର କେନାଲବନ୍ଧ ସୁଦୃଢ଼ୀକରଣ କରାଯିବ। ଜଳସେଚନ ସୁବିଧା ପାଇଁ ବିଭିନ୍ନ ସ୍ଥାନରେ ୬ଟି ଜଳ ନିଷ୍କାସନ ପଥ (ଶୋଠ) ମରାମତି କରାଯିବ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପ୍ରାଚୀ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ରଘୁନାଥ ସ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାନ୍ତ ଷଡଙ୍ଗୀ, ସହକାରୀ ଯନ୍ତ୍ରୀ ଭୀମସେନ ବେହେରା, ସାଂସଦଙ୍କ ପ୍ରତିନିଧି ଚୌଧୁରୀ ଦ୍ୱାରିକା ନାଥ ଦାଶ, ମଣ୍ଡଳ ସଭାପତି ପ୍ରେମାନନ୍ଦ ଖୁଣ୍ଟିଆଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।




## ଅହଙ୍କାରକୁ ଏକ ମନସ୍ତାତ୍ତ୍ୱିକ ତ୍ରୁଟି: ଆଚାର୍ଯ୍ୟ ପ୍ରଶାନ୍ତ

ଭୁବନେଶ୍ୱର, ୧୭ ।୧(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲରେ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦାର୍ଶନିକ ଏବଂ ଲେଖକ ଆଚାର୍ଯ୍ୟ ପ୍ରଶାନ୍ତ କହିଛନ୍ତି, ଅହଙ୍କାରକୁ ଏକ ମନସ୍ତାତ୍ତ୍ୱିକ ତ୍ରୁଟି ଭାବରେ ବର୍ଣ୍ଣନା କରିଛନ୍ତି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସ୍ ଏବଂ ସମ୍ ହସ୍ପିଟାଲ ଏବଂ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକନୋଲୋଜି (ଏନଆଇଏଫ୍‌ଟି), ଭୁବନେଶ୍ୱର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଆଚାର୍ଯ୍ୟ ପ୍ରଶାନ୍ତଙ୍କୁ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର ଡ. ସଂଘମିତ୍ରା ମିଶ୍ର ଏବଂ ଭୁବନେଶ୍ୱର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫ୍ୟାଶନ୍ ଟେକନୋଲୋଜି (ଏନଆଇଏଫ୍‌ଟି)ର ପ୍ରଫେସର ଗୌତମ ସାହା ସମ୍ମାନିତ କରିଥିଲେ।

## ଓଡ଼ିଶାର ବଜ୍ରଜାନ ବୌଦ୍ଧ ଧର୍ମ ଆଲୋଚନାଚକ୍ର

# 'ସ୍ୱାଟ୍ ଭେଲି' ପାକିସ୍ଥାନର ନୁହେଁ; ମହାନଦୀ କୂଳରେ ଅବସ୍ଥିତ

ଭୁବନେଶ୍ୱର, ୧୭ ।୧(ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ବାଣୀବିହାରସ୍ଥିତ ପ୍ରାଚୀନ ଭାରତୀୟ ଇତିହାସ, ସଂସ୍କୃତି ଏବଂ ପ୍ରତ୍ନତତ୍ତ୍ୱ ବିଭାଗ ଆନୁକୂଲ୍ୟରେ ଶନିବାର 'ଓଡ଼ିଶାର ବଜ୍ରଜାନ ବୌଦ୍ଧ ଧର୍ମ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ସ୍ନାତୋକତ୍ତର ପରିଷଦର ଅଧକ୍ଷ ପ୍ରଫେସର ମିତାଲି ଚିନାରା, ମୁଖ୍ୟବକ୍ତା ଫରାସୀ ଗବେଷକ ଡ଼. ଫେଡ୍ରେରିକ୍ ମୋରନଭାଲ, ପ୍ରଫେସର ସଞ୍ଜୟ ଆଚାର୍ଯ୍ୟ, ପ୍ରଫେସର ଜୟନ୍ତୀ ଡ଼ୋରା, ଡ଼. ଅନାମ ବେହେରା, ଡ଼. ସୁଶାନ୍ତ କୁମାର ପାତ୍ର, ଡ଼. ଅଜିତ ସାହୁ ଏବଂ ଜଗନ୍ନାଥ ପ୍ରଧାନ ଉପସ୍ଥିତ ରହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରେ ନୂତନ କରି ଖୋଲାଯାଇଥିବା ଐତିହ୍ୟ ସଂରକ୍ଷଣ ଉତ୍କର୍ଷ କେନ୍ଦ୍ର ଏହି ଦିଗରେ ଗବେଷଣା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ ବୋଲି ମୁଖ୍ୟ ଅତିଥି ଆଶାବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତା ଡ଼.ଫେଡ଼ିକଙ୍କ ମୋରନଭାଲ ତାଙ୍କ ବକ୍ତବ୍ୟରେ ବଜ୍ରଜାନ ବୌଦ୍ଧ ଧର୍ମର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିସହିତ ସେ କହିଥିଲେ ଲୁମ୍ବିନ୍ ହେଉଛି ସିଦ୍ଧାର୍ଥଙ୍କ ଜନ୍ମସ୍ଥାନ। ସେ ହେଉଛନ୍ତି ପ୍ରଥମ ବୁଦ୍ଧ। ପଦ୍ମ ସମ୍ଭବ ଦ୍ୱିତୀୟ ବୁଦ୍ଧ ଏବଂ ତାଙ୍କର ଜନ୍ମ ସ୍ଥାନ ହେଉଛି ଓଡ଼ିଶା (ସମ୍ବଲପୁର)। ସେ ଏହାକୁ ପ୍ରମାଣିତ କରିବାକୁ ଯାଇ ଅନେକ ଗ୍ରନ୍ଥ ଏବଂ ପରିବ୍ରାଜକଙ୍କ ଲେଖନୀର ଉପସ୍ଥାନା କରିଥିଲେ। ଏଥିସହିତ ଜଳବାୟୁ, ଉଦ୍ଭିଦ ବିଜ୍ଞାନ ପ୍ରଭୃତିର ଉଦାହରଣ ଦେଇ ପୂର୍ବରୁ ପ୍ରଚଳିତ ଥିବା ଉଦ୍ୟାନ ପୀଠ 'ସ୍ୱାଟ ଭେଲି' ପାକିସ୍ଥାନର ନୁହେଁ, ଉଦ୍ୟାନପୀଠ ଓଡ଼ିଶାର ମହାନଦୀ କୂଳରେ ଅବସ୍ଥିତ। ପଦ୍ମ ସମ୍ଭବ ପଦ୍ମରୁ ସର୍ପିତ ପଦ୍ମଫୁଲ ଓଡ଼ିଶାର ପୁଷ୍କରିଣୀଗୁଡ଼ିକରେ ପ୍ରସ୍ଫୁଟିତ ହୋଇଥାଏ। ତାହା ୱାଟ ଭେଲି ବରଫାବୃତ ଅଞ୍ଚଳରେ ପ୍ରସ୍ଫୁଟିତ ହୁଏ ନାହିଁ। ସେହିଭଳି ଭାବରେ ସେ ଚମ୍ପାଫୁଲର ଉଦାହରଣ ମଧ ଉପସ୍ଥାପନା କରିଥିଲେ। ଉଡ଼୍ୟାନ ପୀଠ ବୌଦ୍ଧ ଧର୍ମର ଉତ୍ପତିସ୍ଥଳ ସହିତ ଇନ୍ଦ୍ରଭୂତି ରାଜାଙ୍କ ସମ୍ପୃକ୍ତ ଏବଂ ଜଗନ୍ନାଥଙ୍କ ଉଲ୍ଲେଖ ପ୍ରଭୃତି ବୋଦ୍ଧଧର୍ମ, ତନ୍ତ୍ର ଧର୍ମ ଗ୍ରନ୍ଥରେ ଉଲ୍ଲେଖ ରହିଅଛି। ଏହିସବୁ କାରଣ ସହିତ ଉଡ୍ୟାନ ପୀଠ ଓଡ଼ିଶା ଏବଂ ପଦ୍ମ ସମ୍ଭବଙ୍କ ଜନ୍ମସ୍ଥାନ ଓଡ଼ିଶାର ସମ୍ବଲପୁର ଅଞ୍ଚଳ ହୋଇଥିବାର ଉଲ୍ଲେଖ କରିଥିଲେ। ଏହି ଆଲୋଚନାଚକ୍ରରେ ଡ଼. ଅନାମ ବେହେରା ବିଭାଗୀୟ ସଂଯୋଜକ ସ୍ୱାଗତ ଭାଷଣ ଦେଇଥିବାବେଳେ, ଡ଼. ସୁଶାନ୍ତ କୁମାର ପାତ୍ର ବିଷୟ ବସ୍ତୁ ବିବରଣୀ ପାଠ କରିଥିଲେ। ଜଗନ୍ନାଥ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନାଚକ୍ରରେ ଅନେକ ଗବେଷକ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୦.୦୦
- ପାଉଣ୍ଡ ୧୨୧.୧୬
- ୟୁରୋ ୧୦୫.୫୬
- ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୧,୪୫୦ (ନୂଆଦିଲ୍ଲୀ)
- ରୁପା : ୨,୯୫,୧୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୩,୫୭୦.୦୦
- ନିଫ୍ଟି ୨୫,୬୯୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



## ଗ୍ରୀନଲାଣ୍ଡ ପାଇଁ ରାଗ ଶୁଝାଉଛନ୍ତି ଟ୍ରମ୍ପ

# ବ୍ରିଟେନ୍ ଓ ଫ୍ରାନ୍ସ ଉପରେ ୧୦% ଶୁଳ୍କ

ୱାଶିଂଟନ, ୧୭।୧ (ଏଜେନ୍ସି): ନୋବେଲ ଶାନ୍ତି ପୁରସ୍କାର ପାଇଁ ଆଶାବାନ୍ଧି ବସିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କୋପ ଏବେ ୟୁରୋପୀୟ ଦେଶଙ୍କ ଉପରେ ପଡ଼ିଛି। ଭେନେଜୁଏଲାର ବିରୋଧୀ ଦଳ ନେତା ମାରିଆ ମାଚାଡୋଙ୍କଠାରୁ ଦାନ ଆକାରରେ ଏହି ପୁରସ୍କାର ଗ୍ରହଣ କରିବା ସତ୍ତ୍ୱେ ବି ଟ୍ରମ୍ପ ଶାନ୍ତ ପଡ଼ି ନାହାନ୍ତି। ଏବେ ସେ ସହଯୋଗୀ ତଥା ନାଟୋ ରାଷ୍ଟ୍ରଙ୍କୁ ବି ଛାଡ଼ି ନାହାନ୍ତି। ଆଡ଼ବାୟା ଟ୍ରମ୍ପ ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ, ନରୱେ, ସ୍ୱିଡେନ, ଡେନମାର୍କ, ନେଦରଲାଣ୍ଡ, ଫିନଲାଣ୍ଡ ଉପରେ ୧୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ଏହା ଶୁଳ୍କ ଫେବୃଆରୀ ୧ରୁ କାର୍ଯ୍ୟକାରୀ ହେବ। ଆମେରିକାର ଗ୍ରୀନଲାଣ୍ଡ କବ୍‌ଜାକୁ ବିରୋଧ କରୁଥିବାରୁ ଏହି ୟୁରୋପୀୟ ଦେଶଙ୍କ ଉପରେ ଟ୍ରମ୍ପ ଏହି ଶୁଳ୍କ ଛାଟ ମାରିଛନ୍ତି। ଖାଲି ସେତିକି ନୁହେଁ, ଗ୍ରୀନଲାଣ୍ଡ ମାମଲାରେ ସମର୍ଥନ ଦେବା ପାଇଁ ମଧ୍ୟ ଟ୍ରମ୍ପ ଚାପ ପକାଇଛନ୍ତି। ଯଦି ଗ୍ରୀନଲାଣ୍ଡ କିଣିବାକୁ କିମ୍ବା କବ୍‌ଜାକୁ ନେଇ ଆମେରିକା ସହ କୌଣସି ଚୁକ୍ତି ନ କରନ୍ତି ତେବେ ଜୁନ୍ ୧ରୁ ଏହି ଶୁଳ୍କ ବୃଦ୍ଧି କରାଯିବ। ୧୦ ପ୍ରତିଶତକୁ ବଢ଼ାଇ ୨୫ ପ୍ରତିଶତ କରିଦିଆଯିବ। ଟ୍ରମ୍ପ ନିଜ ସାମାଜିକ ଗଣମାଧ୍ୟମ ଟ୍ରୁଥ ସୋସିଆଲରେ ଏହି ସୂଚନା ଦେଇଛନ୍ତି। ଟ୍ରମ୍ପଙ୍କ ଏଭଳି ନିଷ୍ପତ୍ତିକୁ ନେଇ ୟୁରୋପୀୟ ରାଷ୍ଟ୍ରଙ୍କ ମଧ୍ୟରେ ଭାଳେଣି ପଡ଼ିଛି। ମାତ୍ର ଏ ପର୍ଯ୍ୟନ୍ତ ୟୁରୋପୀୟ ରାଷ୍ଟ୍ରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିନାହିଁ।

ଦିନକ ତଳେ ଟ୍ରମ୍ପ ହ୍ୱାଇଟ ହାଉସରୁ ୟୁରୋପୀୟ ରାଷ୍ଟ୍ରଙ୍କୁ ଧମକ ଦେଇଥିଲେ। ଗ୍ରୀନଲାଣ୍ଡ କବ୍‌ଜା ଯୋଜନାକୁ ଯେଉଁ ଦେଶ ବିରୋଧ କରିବ ତାହା ଉପରେ ଶୁଳ୍କ ଲଗାଯିବ ବୋଲି କହିଥିଲେ। ମାତ୍ର କେଉଁ ଦେଶ ଉପରେ ଶୁଳ୍କ ଲଗାଯିବ ଏବଂ ଏଥିପାଇଁ କେଉଁ ଆଇନଗତ ଅଧିକାରକୁ ବ୍ୟବହାର କରାଯିବ ତାହାର ସୂଚନା ଦେଇ ନ ଥିଲେ। ଟ୍ରମ୍ପ କହିଥିଲେ ଯେ ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ଦୃଷ୍ଟିରୁ ଗ୍ରୀନଲାଣ୍ଡ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେଣୁ ଏହି ମାମଲାରେ ଆମେରିକାକୁ ସହଯୋଗ ଦେଉ ନ ଥିବା ରାଷ୍ଟ୍ର ଉପରେ ଶୁଳ୍କ ଲଗାଯିବ। ଏ ନେଇ ନାଟୋ ସହ ମଧ୍ୟ ଆଲୋଚନା କରାଯାଉଥିବା କହିଥିଲେ। ୟୁରୋପୀୟ




ନେତା କହିଥିଲେ ଯେ ଏହି ମାମଲାରେ କେବଳ ଗ୍ରୀନଲାଣ୍ଡ ଏବଂ ଡେନମାର୍କ ହିଁ ନିଷ୍ପତ୍ତି ନେବେ। ସେହିପରି ଗ୍ରୀନଲାଣ୍ଡରେ ସହଯୋଗ ବୃଦ୍ଧି ପାଇଁ ସେନା ଉପସ୍ଥିତିକୁ ବଢ଼ାଯାଉଛି ବୋଲି ଡେନ୍‌ମାର୍କ ପକ୍ଷରୁ କୁହାଯାଇଥିଲା। କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି କହିଥିଲେ ଯେ ଗ୍ରୀନଲାଣ୍ଡ ମାଲିକାନା ଉପରେ ନିଷ୍ପତ୍ତି ନେବାର ଅଧିକାର ଆମେରିକା ରାଷ୍ଟ୍ରପତିଙ୍କ ନାହିଁ। ନାଟୋ ଦେଶ ହୋଇଥିବାରୁ ଆମେ ଗ୍ରୀନଲାଣ୍ଡକୁ ସମର୍ଥନ ଦେବୁ। ଗ୍ରୀନଲାଣ୍ଡ ଏବଂ ଡେନମାର୍କ ଲୋକେ ଗ୍ରୀନଲାଣ୍ଡର ଭବିଷ୍ୟତ ନେଇ ନିଷ୍ପତ୍ତି ନେବେ। ଆମେରିକାକୁ ନିଜ ପ୍ରତିଶ୍ରୁତି ପାଳନ କରିବା ପାଇଁ କାର୍ଣ୍ଣି କହିଥିଲେ।

ହ୍ୱାଇଟ ହାଉସ ପକ୍ଷରୁ କୁହାଯାଇଛି ଯେ ଗ୍ରୀନଲାଣ୍ଡରେ ୟୁରୋପୀୟ ରାଷ୍ଟ୍ରର ସାମରିକ ଉପସ୍ଥିତି ଦ୍ୱାରା ଟ୍ରମ୍ପଙ୍କ ଲକ୍ଷ୍ୟ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଏହା ପୂର୍ବରୁ ଫ୍ରାନ୍ସର ସଶସ୍ତ୍ର ବାହିନୀମନ୍ତ୍ରୀ ଏଲିସ ରୁଫୋ କହିଥିଲେ ଯେ ସାର୍ବଭୌମତ୍ୱର ସୁରକ୍ଷା ପାଇଁ ମହାଦେଶ ପ୍ରସ୍ତୁତ ରହିଛି। ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଗ୍ରୀନଲାଣ୍ଡକୁ କବ୍‌ଜା କରିବା ପାଇଁ ଦୀର୍ଘ ଦିନ ହେଲା ଟ୍ରମ୍ପ ଜୋର ଦେଇ ଆସୁଛନ୍ତି। ଆମେରିକାର ଗ୍ରୀନଲାଣ୍ଡ ଦଖଲକୁ କେବେ ବି ଗ୍ରହଣ କରାଯିବ ନାହିଁ।

ଟ୍ରମ୍ପ କହିଛନ୍ତି ଯେ ଆମେରିକା ଦୀର୍ଘ ବର୍ଷ ହେଲା ଡେନମାର୍କ, ୟୁରୋପୀୟ ସଂଘର ସବୁ ଦେଶ ସହିତ ଅନ୍ୟ ରାଷ୍ଟ୍ରଙ୍କୁ ରିଆତି ଦେଇଛୁ। ଏହି ଦେଶଠାରୁ ଶୁଳ୍କ କିମ୍ବା ଟିକସ ଆକାରରେ କିଛି ନେଇ ନାହୁଁ। ଦୀର୍ଘ ବର୍ଷ ପରେ ପ୍ରତି ବଦଳରେ ଡେନମାର୍କ କିଛି ଫେରାଇବାର ସମୟ ଆସିଯାଇଛି। କାରଣ ବର୍ତ୍ତମାନ ବିଶ୍ୱ ଶାନ୍ତି ବାଜିରେ ଲାଗିଛି। ଟ୍ରମ୍ପ କହିଥିଲେ ଯେ ଚୀନ୍ ଏବଂ ରୁଷ ଗ୍ରୀନଲାଣ୍ଡ ହାସଲ କରିବାକୁ ଚାହିଁଛନ୍ତି। ଏହାକୁ ଚାହିଁଲେ ବି ଡେନମାର୍କ ରୋକିପାରିବ ନାହିଁ। ଏବେ ଗ୍ରୀନଲାଣ୍ଡରେ ସୁରକ୍ଷା ନାମରେ କେବଳ କୁକୁର ଟଣା ଗାଡ଼ି ରହିଛି। ଏହି ଖେଳରେ କେବଳ ଆମେରିକା ସଫଳ ହୋଇପାରିବ। ଆମେରିକା ଗତ ୧୫୦ ବର୍ଷ ହେଲା ଡେନମାର୍କ କିଣିବାକୁ ପ୍ରୟାସ କରୁଛି। ଏଥିପାଇଁ ଅନେକ ରାଷ୍ଟ୍ରପତି ପ୍ରୟାସ କରିଥିଲେ। ମାତ୍ର ପ୍ରତି ଥର ଡେନମାର୍କ ଏହାକୁ ଖଣ୍ଡନ କରିଦେଇଥିଲା।

**ବିମାନ ପରିଚାଳନାରେ ମହାବିଭ୍ରାଟ ମାମଲା**

## ଇଣ୍ଡିଗୋକୁ ୨୨ କୋଟି ଜରିମାନା

ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି): ଇଣ୍ଡିଗୋ ବିମାନ ପରିଚାଳନାରେ ଗତ ବର୍ଷ ଡିସେମ୍ବରରେ ସୃଷ୍ଟି ହୋଇଥିବା ମହାବିଭ୍ରାଟକୁ ନେଇ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବଡ଼ କାର୍ଯ୍ୟାନୁଷ୍ଠାନ ନେଇଛି। ଭାରତର ଏହି ବଡ଼ ଏୟାରଲାଇନ ଉପରେ ୨୨.୨୦ କୋଟି ଟଙ୍କା ଜୋରିମାନା ଲଗାଇଛି। ଏହି ବିଭ୍ରାଟ ପଛରେ ଯୋଜନାର ଅଭାବ, ପରିଚାଳନାଗତ ଏବଂ ନିୟାମକରେ ଗମ୍ଭୀର ତ୍ରୁଟି ତଦନ୍ତରୁ ଜଣାପଡ଼ିଛି। ଏଥିପାଇଁ ଇଣ୍ଡିଗୋର ବରିଷ୍ଠ ପରିଚାଳକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଡିଜିସିଏର ଯାଞ୍ଚ ରିପୋର୍ଟରୁ ଜଣାପଡ଼ିଛି ଯେ ଯଥାସମ୍ଭବ ଲାଭ ପାଇବା ଆଶାରେ କ୍ରୁ ସଦସ୍ୟଙ୍କ ଅତ୍ୟଧିକ ଉପଯୋଗ କରାଯାଉଥିଲା। ବିମାନ ପାଇଁ ପର୍ଯ୍ୟାପ୍ତ ବ୍ୟାକଅପ ମଧ୍ୟ ନ ଥିଲା। ନୂଆ ଏଫଡିଟିଏଲ ନିୟମକୁ ସଠିକ ଭାବେ କାର୍ଯ୍ୟକାରୀ କରାଯାଇ ନ ଥିଲା। ଏହାକୁ ନେଇ ଡିଜିସିଏ ସିଓଓ ତଥା ଆକାଉଣ୍ଟେବୁଲ ମ୍ୟାନେଜରଙ୍କୁ ଚେତାବନୀ ଏବଂ ଏସ୍‌ଭିପି (ଓସିସି)ଙ୍କୁ ପରିଚାଳନା ଦାୟିତ୍ୱରୁ ହଟାଇବାକୁ ନିର୍ଦ୍ଦେଶ ଦେଇଛି। ବିମାନ ପରିଚାଳନା ସହ ଜଡ଼ିତ ଅନ୍ୟ ଅଧିକାରୀଙ୍କୁ ମଧ୍ୟ ଚେତାବନୀ ଦିଆଯାଇଛି।

**ସିଇଓ ଓ ଅଧିକାରୀଙ୍କୁ ଚେତାବନୀ**

କମ୍ପାନୀର ସଫ୍ଟୱେର ଏବଂ ପରିଚାଳନାରେ ମଧ୍ୟ ବଡ଼ଧରଣର ଦୁର୍ବଳତା ଥିବା ଜଣାପଡ଼ିଛି। କ୍ରୁ ସଦସ୍ୟଙ୍କ ଉପରେ ଅଧିକ ଚାପ ପ୍ରୟୋଗ କରାଯାଇଥିଲା। କାର୍ଯ୍ୟ ସମୟକୁ ସର୍ବାଧିକ କରିବାକୁ ପ୍ରୟାସ ହୋଇଥିଲା। ଡେଡ-ହେଡ଼ିଂ, ଟେଲ୍ ସ୍ୱାପ ଏବଂ ଦୀର୍ଘ ସମୟ କାର୍ଯ୍ୟ କରିବାକୁ କୁହାଯାଇଥିଲା। କେବଳ ସେତିକି ନୁହେଁ, ବିଶ୍ରାମ ଏବଂ ରିକଭରି ସମୟକୁ ଅତ୍ୟଧିକ ହ୍ରାସ କରାଯାଇଥିଲା। ଇଣ୍ଡିଗୋର ମାଲିକାନା ସଂସ୍ଥା ଇଣ୍ଟରଗ୍ଲୋବ ଆଭିଏସନ ଲିମିଟେଡର ବୋର୍ଡ ଅଧ୍ୟକ୍ଷ ଏବଂ ସଦସ୍ୟ ଡିଜିସିଏ ନିର୍ଦ୍ଦେଶ ପାଇଥିବା କହିଛନ୍ତି। ଏହା ଅନୁଯାୟୀ ଉଚିତ ପଦକ୍ଷେପ ନିଆଯିବ ବୋଲି ସେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ ଯେ ଡିସେମ୍ବର ୩ରୁ ୫ ମଧ୍ୟରେ ଇଣ୍ଡିଗୋର ୨୫୦୭ ବିମାନର ଉଡ଼ାଣ ରଦ୍ଦ ଏବଂ ୧୮୫୨ଟିର ବାତିଲ କରିଦିଆଯାଇଥିଲା। ଏଥିପାଇଁ ଯାତ୍ରୀ ନାହିଁ ନ ଥିବା ସ୍ଥିତିର ସମ୍ମୁଖୀନ ହୋଇଥିଲେ। ଦେଶର ପ୍ରାୟ ସବୁ ବିମାନବନ୍ଦରରେ ହଜାର ହଜାର ଯାତ୍ରୀ ଅଟକି ରହିଥିଲେ। ସରକାରଙ୍କ ଉପରେ ଚାପ ପାଇଁ ଇଣ୍ଡିଗୋ ଏପରି କରିଥିବା ଅଭିଯୋଗ ହୋଇଥିଲା। ଏହି ବିଭ୍ରାଟର ତଦନ୍ତ ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରାଳୟ ନିର୍ଦ୍ଦେଶରେ ଡିଜିସିଏ ୪ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଥିଲା।

ତଦନ୍ତ କମିଟି ଜାଣିବାକୁ ପାଇଛି ଯେ ଦୁର୍ବଳତାକୁ ଚିହ୍ନଟ, ପରିଚାଳନା ବଫର ବଜାୟ, ସଂଶୋଧିତ ଫ୍ଲାଇଟ ଡ୍ୟୁଟି ଟାଇମ ଲିମିଟେସନ (ଏଫଡିଟିଏଲ) ନିୟମକୁ ପ୍ରଭାବୀ ଭାବେ ଲାଗୁ କରିବାରେ ଇଣ୍ଡିଗୋ ବିଫଳ ହୋଇଥିଲା। ଏଥିପାଇଁ ଅନେକ ଉଡ଼ାଣ ବାତିଲ ଏବଂ ବିଳମ୍ବିତ ହୋଇଥିଲା। କ୍ରୁ, ବିମାନ ଏବଂ ନେଟୱର୍କ ସମ୍ବଳର ସର୍ବାଧିକ ବ୍ୟବହାରକୁ ଧ୍ୟାନ ଦିଆଯାଇଥିଲା। ଏହା ଦ୍ୱାରା ରୋଷ୍ଟର ବଫର ମାର୍ଜିନ ଅତ୍ୟଧିକ ହ୍ରାସ ପାଇଥିଲା। କ୍ରୁ ରୋଷ୍ଟର (କାର୍ଯ୍ୟ ନିର୍ଘଣ୍ଟ ପରିବର୍ତ୍ତନ)କୁ ସର୍ବାଧିକ କରିବା ପାଇଁ ଡିଜାଇନ କରାଯାଇଥିଲା। ଏହା ଦ୍ୱାରା ପରିଚାଳନା ଉପରେ ପ୍ରଭାବ ପଡ଼ିଥିଲା। ୬ଟି ନିୟମ ଉଲ୍ଲଙ୍ଘନ ପାଇଁ ଡିଜିସିଏ ୧.୮୦ କୋଟି ଟଙ୍କା ଏବଂ ଏଫଡିଟିଏଲ ନିୟମ ଡିସେମ୍ବର ୫ରୁ ଫେବୃଆରୀ ୧୦ ପର୍ଯ୍ୟନ୍ତ ପାଳନ ନ କରିବା ପାଇଁ ଦିନକୁ ୩୦ ଲକ୍ଷ ହିସାବରେ ୨୦,୪୦ କୋଟି ଟଙ୍କା ଜୋରିମାନା ଲଗାଯାଇଛି। ଏହା ସହିତ ନୂଆ କରି ପ୍ରଚଳନ କରିଥିବା ଇଣ୍ଡିଗୋ ସିଷ୍ଟମିକ ରିଫର୍ମ ଆସ୍ୟୁରାନ୍ସ ସ୍କିମ ପାଇଁ ୫୦ କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରିବାକୁ କୁହାଯାଇଛି।

**ରାଜ୍ୟ ସ୍ତରୀୟ ନବସୃଜନ ଓ ନୂତନ ଉଦ୍ୟମ ପ୍ରତିଯୋଗିତା ଉଦ୍‌ଯାପିତ**

## ଶ୍ରେଷ୍ଠ ୧୦ ଷ୍ଟାର୍ଟଅପ୍ ପ୍ରକଳ୍ପ ପୁରସ୍କୃତ

ଭୁବନେଶ୍ୱର, ୧୭।୧(ସମିସ): ଉଚ୍ଚଶିକ୍ଷା ବିଭାଗ ଓ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ ଅନୁଷ୍ଠିତ ରାଜ୍ୟ ସ୍ତରୀୟ ନବସୃଜନ ଓ ନୂତନ ଉଦ୍ୟମ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଛି। ଏହି ଉପଲକ୍ଷେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଶ୍ରେଷ୍ଠ ୧୦ଟି ଷ୍ଟାର୍ଟଅପ୍ ପ୍ରକଳ୍ପକୁ ୫ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ସହ ପୁରସ୍କୃତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ଉଚ୍ଚଶିକ୍ଷା ପରିଷଦର କାର୍ଯ୍ୟକାରୀ ସଦସ୍ୟ ପ୍ରଫେସର ଅତନୁ କୁମାର ପତି, ରମାଦେବୀ ବିଶ୍ୱବିଦ୍ୟାଳୟର କୁଳପତି ଡ. ଚଣ୍ଡୀ ଚରଣ ରଥ ପ୍ରମୁଖ ଉପସ୍ଥିତ ଥିଲେ।




## କଳାମନ୍ଦିରକୁ 'ଟାଇମ୍ସ ବିଜିନେସ୍ ଆୱାର୍ଡ ଓଡ଼ିଶା-୨୦୨୬' ସମ୍ମାନ

ଭୁବନେଶ୍ୱର, ୧୭।୧ (ସମିସ): ଓଡ଼ିଶାରେ ଶାଢ଼ୀ, ବିବାହ, ଏଥନିକ୍ ପୋଷାକ ଏବଂ ଫ୍ୟାସନ୍‌ରେ ଖ୍ୟାତି ଅର୍ଜନ କରିଥିବା ଅତ୍ୟାଧୁନିକ ଶୋ'ରୁମ କଳାମନ୍ଦିରକୁ ଗୌରବମୟ 'ଟାଇମ୍ସ ବିଜିନେସ୍ ଆୱାର୍ଡ ଓଡ଼ିଶା-୨୦୨୬' ରେ ସମ୍ମାନିତ କରାଯାଇଛି। ସ୍ଥାନୀୟ ହୋଟେଲ 'ମେ ଫେୟାର ଲାଗୁନ୍'ଠାରେ ଆୟୋଜିତ ଏକ ଉତ୍ସବରେ କଳାମନ୍ଦିରର ମ୍ୟାନେଜିଂ ପାର୍ଟନର ରାଜିନ୍ଦର ସିଂଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ସମ୍ମାନ ପ୍ରଦାନ କରିଛନ୍ତି। କଳାମନ୍ଦିରକୁ ଫ୍ୟାସନ୍, ବିବାହ, ଏଥନିକ୍ ୱେୟାରର ରିଟେଲ୍ ବ୍ୟବସାୟ କ୍ଷେତ୍ରରେ ପ୍ରସିଦ୍ଧି ଅର୍ଜନ ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ୧୯୭୮ ମସିହାରୁ ପ୍ରତିଷ୍ଠା ଲାଭ କରିଥିବା କଳାମନ୍ଦିର ଗ୍ରାହକଙ୍କ ଭରସା, ବ୍ୟବସାୟରେ ନୈତିକତା ଓ ଅଖଣ୍ଡ ଗୁଣବତ୍ତା ଆଧାରରେ ସଫଳତାର ଶିଖର ଛୁଇଁ ପାରିଛି ବୋଲି ଶ୍ରୀ ସିଂ କହିଛନ୍ତି।

ବିବାହ ଉପଲକ୍ଷେ କଳାମନ୍ଦିରରେ ସୁନ୍ଦର ବନାରସୀ, ପ୍ରିମିୟମ୍ କାଞ୍ଜିବରମ୍, ଓଡ଼ିଶୀ, ପ୍ରିଣ୍ଟେଡ୍ ସିଲ୍କ ସହିତ ସାଉଥ୍ ସିଲ୍କ, ଫ୍ୟାନ୍ସି ସାଢ଼ୀ, ସୁଟ୍, ଜ୍ୟାକେଟ୍, କୁର୍ତ୍ତା ପାଇଜାମା, ଶେରୱାନୀ ଓ ଧୋତୀ କୁର୍ତ୍ତା ଆଦିର ଲାଟେଷ୍ଟ କଲେକ୍ସନ ଉପଲବ୍ଧ।




**କୋଲକାତା ନିବେଶକ ସମ୍ମିଳନୀ ରୋଡ୍ ଶୋ'ରେ ବୁଝାମଣା ସ୍ୱାକ୍ଷର**

## ୧ ଲକ୍ଷ କୋଟିର ନିବେଶ, ୯୦ ହଜାର ନିଯୁକ୍ତି ଆଶା

ଭୁବନେଶ୍ୱର, ୧୭।୧ (ସମିସ): ଆର୍ଥିକ ଭାବେ ସୁଦୃଢ଼ ଏବଂ ଅର୍ଥନୈତିକ ଭାବରେ ସୁରକ୍ଷିତ ଓଡ଼ିଶା ଦ୍ରୁତ ଗତିରେ ସମ୍ବଳ ଭିତ୍ତିକ ଅର୍ଥନୀତିରୁ ଉନ୍ନତ ଉତ୍ପାଦନ କେନ୍ଦ୍ରରେ ପରିଣତ ହେଉଛି। ପାରାଦୀପ, ଧାମରା ଏବଂ ଗୋପାଳପୁର ବନ୍ଦର ପୂର୍ବ ଏବଂ କେନ୍ଦ୍ରୀୟ ଭାରତରେ ସେବା ଯୋଗାଇବା ପାଇଁ ପ୍ରକୃଷ୍ଟ ମାଧ୍ୟମ ବୋଲି କୋଲକାତାରେ ଅନୁଷ୍ଠିତ 'ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍ ଶୋ'କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଏହି ଅବସରରେ ୪ଟି କ୍ଷେତ୍ରୀୟ ଗୋଲଟେବୁଲ ସହିତ ୧୩୦ଟି ସ୍ୱତନ୍ତ୍ର ଉଚ୍ଚସ୍ତରୀୟ ଆଲୋଚନା ହୋଇଥିଲା। ଜୋତା, ମୋଜା, ପୋଷାକ ଏବଂ ଟେକ୍ନିକାଲ୍ ଟେକ୍ସଟାଇଲ୍ ଗୋଲ୍‌ଟେବୁଲରେ ୧୮ଟି କମ୍ପାନୀର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ସେହିପରି ମେଟାଲ୍, ଡାଉନଷ୍ଟ୍ରିମ୍ ଏବଂ ଇଞ୍ଜିନିୟରିଂ ସାମଗ୍ରୀ ଗୋଲଟେବୁଲରେ ୨୨ଟି କମ୍ପାନୀ, ପ୍ଲାଷ୍ଟିକ୍, ରାସାୟନିକ, ପ୍ୟାକେଜିଂ ଏବଂ ପୁନଃଚକ୍ରଣ ଗୋଲଟେବୁଲରେ ୨୪ଟି କମ୍ପାନୀ ଏବଂ ଔଷଧ ସମେତ ଚିକିତ୍ସା ଉପକରଣ ଓ ବାୟୋଟେକ୍ ଗୋଲଟେବୁଲରେ ୨୪ଟି କମ୍ପାନୀ ସାମିଲ ହୋଇ ଓଡ଼ିଶାର ଭିତ୍ତିଭୂମି ଓ ସୁଯୋଗ ସମ୍ପର୍କରେ ଅବଗତ ହୋଇ ନିବେଶ ସମ୍ପର୍କରେ ଆଲୋଚନା କରିଛନ୍ତି। ବିଭିନ୍ନ କମ୍ପାନୀ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ୨୭ଟି ବୁଝାମଣାପତ୍ର ସ୍ୱାକ୍ଷର ହେବା ଫଳରେ ୮୧,୮୬୪ କୋଟିର ନିବେଶ ସମ୍ଭାବନା ସୃଷ୍ଟି ହୋଇଛି, ଯାହା ପ୍ରାୟ ୬୩,୧୬୧ଟି ନିଯୁକ୍ତି ସୃଷ୍ଟି କରିବ। ଅନୁରୂପ ଭାବେ ୧୮,୪୫୩ କୋଟି ଟଙ୍କାର ୧୯ଟି ନିବେଶ ଉଦ୍ଦେଶ୍ୟ ପ୍ରସ୍ତାବ ଗ୍ରହଣ କରାଯାଇଛି, ଯାହା ପ୍ରାୟ ୨୭,୫୯୧ ଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଅର୍ଥାତ୍ ସମୁଦାୟ ୧ ଲକ୍ଷ ୩୧୭ କୋଟିର ନିବେଶ ସମ୍ଭାବନା ଏବଂ ପ୍ରାୟ ୯୦ ହଜାର ୭୫୨ଟି ପଦରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ।




କାର୍ଯ୍ୟକ୍ରମରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ ପୂର୍ବୋଦୟରେ ଓଡ଼ିଶାର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫ ଶହରୁ ଅଧିକ ଶିଳ୍ପୋଦ୍ୟୋଗୀ, ବ୍ୟାବସାୟିକ ସଂଗଠନ ଏବଂ ଅଂଶୀଦାରମାନେ ଅଂଶଗ୍ରହଣ କରିଥିଲେ। ଆସନ୍ତା ୨୭ ଓ ୨୮ ରେ ରାଉରକେଲାରେ 'ଏଣ୍ଟରପ୍ରାଇଜ୍ ଓଡ଼ିଶା' ଅନୁଷ୍ଠିତ ହେବ।

## ଆଜି ସାନ୍ତ୍ରାଗାଛି-ତାମ୍ବରମ୍ ଅମୃତ ଭାରତ ଏକ୍ସପ୍ରେସ ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର, ୧୭।୧ (ସମିସ): ଭାରତୀୟ ରେଳବାଇ ସାନ୍ତ୍ରାଗାଛି-ତାମ୍ବରମ୍ ଅମୃତ ଭାରତ ଏକ୍ସପ୍ରେସ୍ ଚଳାଚଳ ଆରମ୍ଭ କରିବାକୁ ଯାଉଛି। ଆଧୁନିକ, ସୁଲଭ ଏବଂ ଅନ୍ତର୍ଭୁକ୍ତ ରେଳ ସଂଯୋଗୀକରଣ ଦିଗରେ ଏହ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଏହି ଉଦଘାଟନୀ ସେବାକୁ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏହି ଅମୃତ ଭାରତ ଏକ୍ସପ୍ରେସ୍ ପ୍ରଚଳନ ପୂର୍ବ ଏବଂ ଦକ୍ଷିଣ ଭାରତ ମଧ୍ୟରେ ଏକ ଦୃଢ଼ ନୂତନ ରେଳ କରିଡର ସ୍ଥାପନ କରିବ। ଏହା ପଶ୍ଚିମବଙ୍ଗ, ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଏବଂ ତାମିଲନାଡୁରେ ସଂଯୋଗୀକରଣକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରେ।

ଅମୃତ ଭାରତ ଏକ୍ସପ୍ରେସ୍ ଏକ ଆଧୁନିକ ଏଲଏଚବି ରେକ୍ ଟ୍ରେନ। ଏଥିରେ ଉନ୍ନତ ପୁସ୍-ପୁଲ୍ ପ୍ରଯୁକ୍ତିବିଦ୍ୟାରେ ରହିଛି। ଏହା ଉନ୍ନତ ବେଗ, ସୁଗମ କାର୍ଯ୍ୟ ଏବଂ ବର୍ଦ୍ଧିତ କାର୍ଯ୍ୟକ୍ଷମତା ସୁନିଶ୍ଚିତ କରୁଛି। ଉଦ୍‌ଘାଟନ ପରେ ସାନ୍ତ୍ରାଗାଛି-ତାମ୍ବରମ୍ ଅମୃତ ଭାରତ ଏକ୍ସପ୍ରେସ (୦୬୧୦୮) ରବିବାର ଦିନ ୨ଟା୪୫ ଛାଡି ପରଦିନ ସନ୍ଧ୍ୟା ୬ଟା ୪୫ରେ ତାମ୍ବରମରେ ପହଞ୍ଚିବ। ଏହି ଟ୍ରେନ୍ ଭଦ୍ରକ, ଯାଜପୁର କେନ୍ଦୁଝର ରୋଡ, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ବାଲୁଗାଁ, ବ୍ରହ୍ମପୁର, ପାଲାସା, ବିଜୟନଗରମ୍, ଏବଂ ଦୁଭଭଡା ସମେତ ପୂର୍ବ ତଟ ରେଳ ଅଧୀନରେ ଥିବା ପ୍ରମୁଖ ଷ୍ଟେସନ ଦେଇ ଯିବ। ଏହି ଟ୍ରେନ ବାଲେଶ୍ୱର, ରାଣିତାଲ, ଶ୍ରୀକାକୁଲମ୍ ରୋଡ୍, କୋଟାଭାଲାସା ଆଦି ଷ୍ଟେସନରେ ରହିବ।

**ଏପ୍ରିଲ ସୁଦ୍ଧା ଆସିବ ନୂଆ ବ୍ୟବସ୍ଥା**

## ୟୁପିଆଇରେ ବାହାର କରିପାରିବେ ପିଏଫ୍ ଟଙ୍କା

ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି): କର୍ମଚାରୀ ଭବିଷ୍ୟ ନିଧି ସଂଗଠନ (ଇପିଏଫଓ) ନିଜର ୮ କୋଟି ସବ୍‌ସ୍କ୍ରାଇବରଙ୍କୁ ବଡ଼ ଉପହାର ଦେବାକୁ ଯାଉଛି। ଖୁବଶୀଘ୍ର ଏହାର ସଦସ୍ୟଙ୍କୁ ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ (ୟୁପିଆଇ) ମାଧ୍ୟମରେ ଟଙ୍କା ଉଠାଇବାର ସୁବିଧା ମିଳିବ। କେନ୍ଦ୍ର ସରକାର ଏଭଳି ଏକ ବ୍ୟବସ୍ଥା ପ୍ରସ୍ତୁତ କରୁଛନ୍ତି। ଏହା ମାଧ୍ୟମରେ ପିଏଫ ସଦସ୍ୟ ସିଧା ୟୁପିଆଇ ମାଧ୍ୟମରେ ଆବଶ୍ୟକ ସମୟରେ ନିଜ ଟଙ୍କା ବାହାର କରିପାରିବେ। କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟ ଏହି ପ୍ରକଳ୍ପ ଉପରେ କାମ କରୁଛି। ଆସନ୍ତି ଏପ୍ରିଲ ମାସ ସୁଦ୍ଧା ଏହାର ଶୁଭାରମ୍ଭ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି ସୁବିଧା ପ୍ରଚଳନ ଦ୍ୱାରା ଦୀର୍ଘ ଦାବି ସମାଧାନ ପ୍ରକ୍ରିୟା ଦୂର ହେବ ଏବଂ ସଦସ୍ୟମାନଙ୍କୁ ତୁରନ୍ତ ପାଣ୍ଠି ଉପଲବ୍ଧ ହେବ।

ରିପୋର୍ଟ ଅନୁଯାୟୀ, ନୂତନ ବ୍ୟବସ୍ଥାରେ ଇପିଏଫ୍ ପାଣ୍ଠିର ଏକ ଅଂଶ 'ଫ୍ରୋଜେନ୍' (ସୁରକ୍ଷିତ) ରଖାଯିବ। ମାତ୍ର ସିଂହ ଭାଗ ଅର୍ଥ ସଦସ୍ୟମାନଙ୍କ ପାଇଁ ଉପଲବ୍ଧ ହେବ। ସଦସ୍ୟମାନେ ସେମାନଙ୍କ




ବ୍ୟାଙ୍କ ଆକାଉଣ୍ଟ ସହିତ ଲିଙ୍କ୍ ହୋଇଥିବା ୟୁପିଆଇ ପିନ୍ ବ୍ୟବହାର କରି ଏହି ଟଙ୍କାକୁ ସିଧାସଳଖ ଆକାଉଣ୍ଟକୁ ସ୍ଥାନାନ୍ତର କରିପାରିବେ। ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ଜମା ହେବା ପରେ ବ୍ୟବହାରକାରୀ ଏଟିଏମ ମାଧ୍ୟମରେ ଏହା ଉଠାଇ ପାରିବେ କିମ୍ବା ଡିଜିଟାଲ୍ ପେମେଣ୍ଟ ପାଇଁ ବ୍ୟବହାର କରିପାରିବେ। ଏବେ ପିଏଫ୍ ଉଠାଇବା ପାଇଁ ସଦସ୍ୟମାନଙ୍କୁ ଅନଲାଇନ୍ କିମ୍ବା ଅଫଲାଇନରେ ଏକ କ୍ଲେମ୍ ଫର୍ମ ପୂରଣ କରିବାକୁ ପଡୁଛି। ଏହା ଅତ୍ୟନ୍ତ ସମୟ ସାପେକ୍ଷ। ଯଦିଓ ଇପିଏଫ୍‌ଓ ଏକ ଅଟୋ-ସେଟେଲମେଣ୍ଟ ମୋଡ୍ ପ୍ରଚଳନ କରିଛି, ତଥାପି ଏଥିରେ ଅତି କମରେ ତିନି ଦିନ ସମୟ ଲାଗେ। ଏବେ ଇପିଏଫ୍‌ଓ ବର୍ତ୍ତମାନ ସଫ୍ଟୱେର୍ ସହିତ ଜଡିତ କିଛି ବୈଷୟିକ ସମସ୍ୟାର ସମାଧାନ ପାଇଁ କାମ କରୁଛି। ଏହା ସମାଧାନ ହେବା ପରେ ୮ କୋଟି ସଦସ୍ୟ ସିଧାସଳଖ ଲାଭ ପାଇବେ। ଚାକିରି ହରାଇବାର ମାସେ ପରେ ସଦସ୍ୟ ଜମା ରାଶିରୁ ୭୫ ପ୍ରତିଶତ ପର୍ଯ୍ୟନ୍ତ ଉଠାଇ ପାରିବେ।

## ବଜେଟ ଦିନ ରବିବାର ଖୋଲିବ ସେୟାର ବଜାର

ନୂଆଦିଲ୍ଲୀ, ୧୭।୧ (ଏଜେନ୍ସି): ଆସନ୍ତା ଫେବୃଆରୀ ୧ରେ କେନ୍ଦ୍ର ସରକାର ବଜେଟ ଆଗତ କରିବେ। ସେହି ଦିନ ରବିବାର ପଡୁଛି। ଏହା ସତ୍ତ୍ୱେ ଛୁଟିଦିନରେ ବଜେଟ ଉପସ୍ଥାପନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଉକ୍ତ ଦିନ ସେୟାର ବଜାର ଖୋଲିବାକୁ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଅନ୍ୟ ଦିନ ଭଳି ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ)ରେ କାର୍ଯ୍ୟ ଜାରି ରହିବ। ଶନିବାର ସର୍କୁଲାର ଜାରି କରି ଏକ୍ସଚେଞ୍ଜ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସରକାରଙ୍କ ନିର୍ଦ୍ଦେଶ ପରେ ଏହି ନିଷ୍ପତ୍ତି ନିଆଯାଇଛି। ବଜେଟ ଘୋଷଣା ଦିନ ନିବେଶକଙ୍କ ପ୍ରତିକ୍ରିୟା ପାଇଁ ଏହି ପଦକ୍ଷେପ ନିଆଯାଇଛି। ସାଧାରଣତଃ ଶନିବାର ଏବଂ ରବିବାର ବଜାର ବନ୍ଦ ରହିଥାଏ। ମାତ୍ର ବଜେଟ ଭଳି ବଡ଼ ଆର୍ଥିକ ଘଟଣା ଦିନ ଏକ୍ସଚେଞ୍ଜ 'ସ୍ପେସିଆଲ ଟ୍ରେଡିଂ ଡେ' ଘୋଷଣା କରିଥାଏ। ଫେବୃଆରୀ ୧ରେ ଇକ୍ୱିଟି, ଇକ୍ୱିଟି ଡେରିଭେଟିଭସ, କରେନ୍ସି ଏବଂ କମୋଡିଟି ସମେତ ସବୁ ସେଗମେଣ୍ଟରେ ଟ୍ରେଡିଂ ହେବ।

ବଜେଟରେ ଟିକସ ସ୍ଲାବ୍, ପୁଞ୍ଜି ଖର୍ଚ୍ଚ ଏବଂ କ୍ଷେତ୍ର ସହିତ ଜଡିତ ପ୍ରମୁଖ ଘୋଷଣା କରାଯାଇଥାଏ। ଯଦି ରବିବାର ବଜାର ବନ୍ଦ ହୋଇଯାଏ, ତେବେ ନିବେଶକମାନଙ୍କୁ ସୋମବାର ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ। ଏହା ବଜାରରେ ଅସ୍ଥିରତା ସୃଷ୍ଟି କରିପାରେ। ରବିବାର ବଜାର ଖୋଲା ରହିଲେ ନିବେଶକମାନେ ବଜେଟର ପ୍ରତ୍ୟେକ ବିନ୍ଦୁ ଉପରେ ଆଧାର କରି ନିଜର ରଣନୀତି ପ୍ରସ୍ତୁତ କରିପାରିବେ। ପୂର୍ବରୁ ଫେବୃଆରୀ ମାସର ଶେଷ କାର୍ଯ୍ୟ ଦିବସରେ ବଜେଟ୍ ଉପସ୍ଥାପନ କରାଯାଇଥିଲା। ୨୦୧୭ରେ ଦିବଂଗତ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଏହାକୁ ଫେବୃଆରୀ ୧କୁ ଘୁଞ୍ଚାଇ ଦେଇଥିଲେ। ଏହା ଦ୍ୱାରା ନୂତନ ଆର୍ଥିକ ବର୍ଷ (ଏପ୍ରିଲ ୧) ପୂର୍ବରୁ ଯୋଜନା କାର୍ଯ୍ୟକାରୀ କରାଯାଇପାରିବ। ଏଥର ଫେବୃଆରୀ ୧ ରବିବାର ପଡୁଛି, କିନ୍ତୁ ସରକାର ତାରିଖ ପରିବର୍ତ୍ତନ କରିନାହାନ୍ତି।

